

# ଭୁବନେଶ୍ୱର ସିଟି

# ଦୁଷ୍କର୍ମ ଅଭିଯୋଗରେ କ୍ଲବ୍ ଫଟୋଗ୍ରାଫର ଗିରଫ

ଭୁବନେଶ୍ୱର, ୭।୨(ସମିସ): ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ରାଜଧାନୀର ଏକ ପ୍ରତିଷ୍ଠିତ କ୍ଲବ୍‌ର ଫଟୋଗ୍ରାଫରଙ୍କୁ ଗିରଫ କରିଛି। ତାଙ୍କ ନାମ ଚିନ୍ମୟ ବୋଲି ଜଣାପଡ଼ିଛି। ଗିରଫ କରାଯିବା ପରେ ତାଙ୍କୁ କୋର୍ଟଚାଲାଣ ହୋଇଛି। ଶନିବାର ସକାଳେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ବିପିଓ ସଂସ୍ଥାରେ ପାର୍ଟଟାଇମ୍ କାମ କରୁଥିଲେ। ଉକ୍ତ କ୍ଲବ୍‌ରେ କମ୍ପାନୀ କର୍ମଚାରୀମାନେ ଛୁଟିଦିନ ପାର୍ଟି ଠାରୁ ଆରମ୍ଭ କରି ଅନ୍ୟ ଜନ୍ମଦିନ ପାର୍ଟି ପାଳନ କରନ୍ତି। ଏଠାରେ ଦେଢ ବର୍ଷ ତଳେ ଛାତ୍ରୀଙ୍କ ଫଟୋ ଉଠାଇ କ୍ଲବ୍‌ର ଫଟୋଗ୍ରାଫର ଛାତ୍ରୀଙ୍କ ନିକଟତର ହୋଇଥିଲେ। ପରବର୍ତ୍ତୀ ସମୟରେ ଫଟୋଗ୍ରାଫର ଅବିବାହିତ ବୋଲି ପରିଚୟ ଦେଇ ପ୍ରେମ ନିବେଦନ କଲେ। ଦେଢ ମାସ ତଳେ କୋର୍ଟରେ ବିବାହ କରିଥିଲେ। ବିବାହ ସମ୍ପର୍କରେ ଫଟୋଗ୍ରାଫର ଛାତ୍ରୀ ମା'ଙ୍କୁ ମଧ୍ୟ ଜଣାଇଥିଲେ। ଏହାସହ ଉଭୟ ସାଙ୍ଗ ହୋଇ ଝାରପଡ଼ାରେ ଏକ ଭଡା ନେଇ ଦୁଇମାସ ରହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କ ଜାଣିବାକୁ ପାଇଲେ ଯେ ବିବାହ ଅବୈଧ। ବିବାହ କୌଣସି କାରଣରୁ ସନ୍ଦେହ ପ୍ରକାଶ କରି ଫଟୋଗ୍ରାଫରଙ୍କ ପାଖରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲେ। ଏଣୁ ଫଟୋଗ୍ରାଫରଙ୍କ ପାଖରୁ ଜାନୁଆରୀ ୩୧ ତାରିଖରେ ଚାଲିଯିବାକୁ କହିଥିଲେ।

ହେଲେ ଫଟୋଗ୍ରାଫର ଛାତ୍ରୀଙ୍କୁ ଯିବାକୁ ନ ଦେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବନ୍ଧକ ରଖି ହାତ ଗୋଡ ବାନ୍ଧି ବାରମ୍ବାର ଦୁଷ୍କର୍ମ କରିଥିଲେ। ଛାତ୍ରୀଙ୍କ ଭାଇ ଆସି ତାଙ୍କୁ ଉକ୍ତ ଘରୁ ଉଦ୍ଧାର କରିଥିଲେ। ଛାତ୍ରୀଙ୍କ ଭାଇ ରାତାରାତି ତାଙ୍କୁ ବ୍ରହ୍ମପୁର ନେଇ ଯାଇଥିଲେ। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପରିବାର ଲୋକେ ପ୍ରଥମେ ବୈଦ୍ୟନାଥପୁର ଥାନରେ ଫେବୃଆରୀ ୧ ତାରିଖ ସନ୍ଧ୍ୟା ୬ଟା ବେଳେ ଜଣାଇଥିଲେ। ହେଲେ ଥାନାରେ ଉପସ୍ଥିତ ପୁଲିସ କର୍ମଚାରୀ ଏହା ମହିଳା ମାମଲା କହି ମହିଳା ଥାନାକୁ ପଠାଇଥିଲେ। ବ୍ରହ୍ମପୁର ମହିଳା ଥାନା ଏତଲା ରଖିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। କିମ୍ବା ମାମଲା ମଧ୍ୟ ରୁଜୁ କରି ନଥିଲା। ବ୍ରହ୍ମପୁର ମହିଳା ଥାନା ପୁଲିସ ଘଟଣା ଭୁବନେଶ୍ୱରରେ ଘଟିଛି କହି ପୁଣି ଛାତ୍ରୀଙ୍କୁ ଲକ୍ଷ୍ମୀସାଗର ଥାନାକୁ ପଠାଇ ଦେଇଥିଲେ। ଛାତ୍ରୀ ଜଣଙ୍କ ଗତ ୫ ତାରିଖରେ ଆସି ଏତଲା ଦେଇଥିଲେ। ହେଲେ ଲକ୍ଷ୍ମୀସାଗର ଥାନା ପୁଲିସ ପୁଣି ବ୍ରହ୍ମପୁରକୁ ପଠାଇ ଦେଇଥିଲେ। ମାମଲା ରୁଜୁ କରିବାକୁ ପୁଲିସର ଚାଲିଥିବା ଏଭଳି ଖେଳରେ ଏବେ ଛାତ୍ରୀ ଜଣଙ୍କ ଅସହାୟ ମନେ କରୁଥିଲେ। ଦୈନିକ ସକାଳରେ ଶୁକ୍ରବାର ସଂସ୍କରଣରେ ଖବର ପ୍ରକାଶିତ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ୨ଟି ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୭।୨(ସମିସ): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର'ର ଉନ୍ମୋଚନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏହି ଦୁଇଟି ପୁସ୍ତକ ଉନ୍ମୋଚନ କରି ଓଡ଼ିଶା ରାଜନୀତିର ଇତିହାସରେ ଯେବେ ବି ପ୍ରମୁଖ ରାଜନେତାଙ୍କ ନାମ ଉଲ୍ଲେଖ ହୁଏ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମ ସ୍ୱାଭାବିକ ଭାବେ ସର୍ବାଗ୍ରେ ରହିଥାଏ ବୋଲି କହିଛନ୍ତି।

## ଗାଁ ପରିବେଶ ଅନ୍ୟ କେଉଁଠି ମିଳିବନି



ଆମେ ଗାଁରୁ ଆସିଛୁ

ସୁନ୍ଦର ପରିବେଶରେ ପରିପୂର୍ଣ୍ଣ ମୋ ଗାଁ। ବିଲ ବାଡ଼ି, ବଡ ବରଗଛ, ପୋଖରୀ, ମନ୍ଦିର ଆଦିକୁ ନେଇ ଆମ ଗାଁ ବେଶ ମନୋରମ ଦିଶେ। ଯେତେ ଦେଖିଲେ ବି ମନ ଭରେନି। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି।

ଏପରି ଜଣେ ଗାଁ ପ୍ରେମୀ ହେଲେ ୪୬ ବର୍ଷୀୟ ପ୍ରଭାତୀ ରାଉତ। ତାଙ୍କ ଗାଁ ହେଉଛି ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଗଡ଼ରୂପାସ ଗାଁ। ସେ ଭୁବନେଶ୍ୱରରେ ୨୫ ବର୍ଷ ହେଲାଣି ରହୁଛନ୍ତି। ବର୍ତ୍ତମାନ ତାଙ୍କର ଠିକଣା ହେଉଛି ପୁରୁଣା ଭୁବନେଶ୍ୱର। ସେ ଜଣେ ମହିଳା ବ୍ୟବସାୟୀ ଭାବେ ନିଜ ପରିଚୟ ଗଢିଛନ୍ତି। ଗାଁ ବିଷୟରେ ସେ କୁହନ୍ତି ସେତେବେଳର ଗାଁ ଆଉ ଏବେର ଗାଁ ଭିତରେ ବହୁତ ଫରକ ଅଛି। ସେ ସମୟରେ ସମସ୍ତେ ମିଳିମିଶି ଚଳୁଥିଲେ। ଭଲରେ ମନ୍ଦରେ ଏକଜୁଟ ହୋଇ ରହୁଥିଲେ। ହେଲେ ଏବେ ଗାଁକୁ ଧୀରେ ଧୀରେ ସହରୀକରଣ ପଶିଗଲାଣି। ତଥାପି ମୋ ଗାଁ ବହୁତ ସୁନ୍ଦର। ପିଲାବେଳେ ସବୁ ପର୍ବପର୍ବାଣୀରେ ସାଙ୍ଗସାଥୀଙ୍କ ସହ ବହୁତ ଆନନ୍ଦରେ ଦିନ କଟିଛି। ଗାଁ ମଝି ପଡ଼ିଆରେ ଖେଳ, ରଜରେ ବଡ ବରଗଛରେ ବାଉଁଶ ପଟା ଦୋଳିର ମଜା ବହୁତ ମନେ ପଡେ। ଗାଁରେ ଏକ ବହୁ ପୁରୁଣା ବରଗଛ ରହିଛି। ଯେଉଁଠି ତା ଛାଇ ମୂଳେ ଆମେ ସବୁ ମିଶି କେତେ ଗପସପ କରିଛୁ। ଯାହା ଆଜି ବି ସେ ଗଛକୁ ଦେଖିଲେ କେତେ ସ୍ମୃତି ସବୁ ମନେ ପଡ଼ିଯାଏ। ଏଠି ସହରରେ ସେସବୁ ଦେଖିବାକୁ ମିଳେନି। ସହରର ଚାକଚମକ କେବଳ ଦେଖିବାକୁ ସୁନ୍ଦର ହେଲେ ଗାଁରେ ବିଭିନ୍ନ ପ୍ରକାରର ଅନୁଭୂତି ମିଳିଥାଏ। ଗାଁରେ ଗହୀର ଧାନ ବିଲର ମନୋରମ ଦୃଶ୍ୟକୁ ଆଜିବି ମନ ଝୁରେ। ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। କାରଣ ସେ ପରିବେଶ ଆଉ କେଉଁଠି ବି ଖୋଜିଲେ ମିଳେନି। ଗାଁ ଦାଣ୍ଡରେ କୁମାର ପୂର୍ଣ୍ଣମୀ, ରଜ, ଦୋଳ ଆଦି କେତେ ପର୍ବପର୍ବାଣୀ କଟିଛି। ସନ୍ଧ୍ୟା ହେଲେ ସେଠି ଗାଁର ବରିଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ଆଜିବି ସେଠିକି ଗଲେ ସବୁ ଆଖି ଆଗରେ ନାଚି ଗଲା ପରି ଲାଗେ। ଏସବୁ ସହରରେ ଖୋଜି ଆସିଲେ ମଧ୍ୟ ମିଳିବନି। ତେଣୁ ଗାଁ ସବୁବେଳେ ସ୍ୱତନ୍ତ୍ର।

## ଧାର ଟଙ୍କା ନ ଫେରାଇବାରୁ ବାପ, ପୁଅଙ୍କୁ ଆକ୍ରମଣ

ଭୁବନେଶ୍ୱର, ୭।୨(ସମିସ): ଧାର ଟଙ୍କା ନ ଫେରାଇବାରୁ ବାପ ଓ ପୁଅକୁ ଆକ୍ରମଣ ଅଭିଯୋଗରେ ମେଞ୍ଚେଶ୍ୱର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଞ୍ଚେଶ୍ୱର ଗ୍ରାମର ବିକାଶ ସ୍ୱାଇଁ।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମଞ୍ଚେଶ୍ୱର ଗ୍ରାମରେ ରୁହନ୍ତି। ଅଭିଯୁକ୍ତ ବିକାଶ ସ୍ୱାଇଁ ପୂର୍ବରୁ ଆହତ ଦୀପକ ଜେନାଙ୍କୁ ୩, ୫୦୦ ଟଙ୍କା ହାତଉଧାରି ଦେଇଥିଲେ। ଗତକାଲି ଦିନ ପ୍ରାୟ ୧୧.୩୦ ସମୟରେ ବିକାଶ ସ୍ୱାଇଁ, ଦୀପକ ଜେନାଙ୍କ କାର୍ଯ୍ୟାଳୟକୁ ଆସି ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ସେତେବେଳେ ଦୀପକ ଜେନା ସନ୍ଧ୍ୟାରେ ଘରକୁ ଫେରିଲା ପରେ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଦୀପକ ଜେନା ଘରକୁ ଫେରିବା ପରେ, ବିକାଶ ସ୍ୱାଇଁ ତାଙ୍କ ଘରକୁ ଆସି ଗାଳିଗୁଲଜ କରି ଟଙ୍କା ଫେରସ୍ତ ପାଇଁ କହିଥିଲେ। ଦୀପକ ଜେନା ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ, ବିକାଶ ସ୍ୱାଇଁ କ୍ରୋଧିତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ପରେ ଅଭିଯୁକ୍ତ ବିକାଶ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ଆହତଙ୍କ ବାପା ଭାସ୍କର ଜେନା ଘଟଣା ବିଷୟରେ ଜାଣିବ ପରେ, ଅଭିଯୁକ୍ତ ବିକାଶ ସ୍ୱାଇଁଙ୍କ ଘରକୁ ଯାଇ ପୁଅକୁ ବାଡେଇବାର କାରଣ ପଚାରିଥିଲେ। ସେହି ସମୟରେ ବିକାଶ ସ୍ୱାଇଁ ଅତ୍ୟଧିକ ଉତ୍ତେଜିତ ହୋଇ ଭାସ୍କର ଜେନାଙ୍କ ମୁଣ୍ଡକୁ ଲକ୍ଷ କରି ପଥର ଫୋପାଡିଥିଲେ। ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା ଏବଂ ତାଙ୍କ ଡାହାଣ ହାତ ଓ ବାମ ଗୋଡରେ ମଧ୍ୟ ଆଘାତ ଲାଗିଥିଲା। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ।

## ଯୌତୁକ ନିର୍ଯାତନା ଯୋଗୁଁ ମହିଳାଙ୍କ ଆତ୍ମହତ୍ୟା; ସ୍ୱାମୀ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଯୌତୁକ ନିର୍ଯାତନା ଯୋଗୁଁ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ସ୍ୱାମୀଙ୍କୁ ଅମିତ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ମୃତ ଲିଜା ସାହୁ ଅଭିଯୁକ୍ତ ଅମିତଙ୍କୁ ଗତ ୨୦୨୩ ମସିହାରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଆର୍ଥିକ ସମସ୍ୟା ତଥା ଅନ୍ୟାନ୍ୟ ପାରିବାରିକ କାରଣକୁ ନେଇ ପରସ୍ପର ମଧ୍ୟରେ ମନମାଳିନ୍ୟ ଦେଖାଦେଇଥିଲା। ଅଭିଯୁକ୍ତ ସ୍ୱାମୀ ଲିଜାଙ୍କୁ ବାପ ଘରୁ ଅଧିକ ଯୌତୁକ ଦାବି କରି ତାଙ୍କ ଉପରେ ଅତ୍ୟାଚାର କରିଆସୁଥିଲେ। ଶୁକ୍ରବାର ସ୍ୱାମୀ କର୍ମକ୍ଷେତ୍ରରୁ ଆସି ଶୋଇବା ଲଗି ଚାଲିଯାଇଥିଲେ। ରାତି ପ୍ରାୟ ୧୧.୩୦ ସମୟରେ ପତ୍ନୀ ଲିଜା ତାଙ୍କୁ ନିଦରୁ ଉଠାଇବା ଲାଗି ପ୍ରୟାସ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଖୁବ ଝଗଡ଼ା ହୋଇଥିଲା। ସ୍ୱାମୀ ଅମିତ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ପୂର୍ବରୁ ମାନସିକ ଚପରେ ଥିବା ପତ୍ନୀ ଲିଜା ଗତକାଲିର ଘଟଣା ପରେ ମାନସିକ ଭାରସାମ୍ୟ ହରାଇ ଗେଷ୍ଟ ରୁମ ଭିତରେ ଓଢଣି ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ। ସେ ପତ୍ନୀଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅମିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କ୍ରିକେଟ୍ ମ୍ୟାଚ୍ ବେଳେ ଗଣ୍ଡଗୋଳ; ଜଣେ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଏୟାରଫିଲ୍ଡ ଥାନା ଅଞ୍ଚଳରେ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ ଏବଂ ଗଣ୍ଡଗୋଳ ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୌମ୍ୟାକାନ୍ତ ହରିଚନ୍ଦନ ଓରଫ ଚିଣ୍ଟୁ। ପୁଲିସ ଆକ୍ରମଣରେ ବ୍ୟବହୃତ ଏକ ଅସ୍ତ୍ର ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁର ଏମ୍‌ଇ ସ୍କୁଲ ଖେଳ ପଡ଼ିଆରେ ଏକ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଶେଷରେ ଦୁଇ ପକ୍ଷର ଖେଳାଳି ଏବଂ ସମର୍ଥକ ପଡ଼ିଆରେ ଏକତ୍ର ହୋଇଥିଲେ। ଅଭିଯୋଗକାରୀ ଓ ଅଭିଯୁକ୍ତ ଭିନ୍ନ ଟିମ୍‌ର ସଦସ୍ୟ। ଚିଣ୍ଟୁ ଯେଉଁ ଟିମ୍‌ରେ ଖେଳୁଥିଲେ, ସେହି ଟିମ୍ ମ୍ୟାଚ୍ ଜିତିଥିଲା। ସେ ଅଭିଯୋଗକାରୀ ଲିଟୁଙ୍କୁ ନେଇ ଖରାପ ଟିପ୍ପଣୀ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଲିଟୁ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଚିଣ୍ଟୁଙ୍କ ବାପା ତୋଫାନ ହରିଚନ୍ଦନ ଘଟଣାସ୍ଥଳକୁ ଆସିଥିଲେ। ଘଟଣା ସମୟରେ ଅଭିଯୁକ୍ତ ସୌମ୍ୟକାନ୍ତ ହରିଚନ୍ଦନ ଓରଫ ଚିଣ୍ଟୁ ପାଖରେ ପଡ଼ିଥିବା କାଠ ଷ୍ଟମ୍ପ ଉଠାଇ ରାଗରେ ଅଭିଯୋଗକାରୀଙ୍କ ମୁଣ୍ଡରେ ଆଘାତ କରିଥିଲେ। ଯାହାଦ୍ୱାରା ଅଭିଯୋଗକାରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଚିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଆମ ବସ୍‌ରୁ ଚୋରି; ଯୁବକ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଆମ୍ ବସ୍ ଯାତ୍ରୀଙ୍କ ଠାରୁ ମୋବାଇଲ୍ ଚୋରି ଅଭିଯୋଗ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପଶ୍ଚିମବଙ୍ଗର ଭାଗୀରଥ ସିଂ। ତାଙ୍କଠାରୁ ଚେରା ମୋବାଇଲ୍ ଜବତ ହୋଇଛି। ଏନେଇ ଅଭିଯୋଗକାରୀ ଗୌତମ ବେହେରା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବାଲେଶ୍ୱର ଜିଲ୍ଲା ସୋରୋ ବାସିନ୍ଦା। ହାଇଟେକ ଛକରୁ ରସୁଲଗଡ଼ ଅଭିମୁଖେ ଆମ-ବସ ଯୋଗେ ଆସୁଥିବା ବେଳେ ରସୁଲଗଡ଼ ବସ ରହଣି ସ୍ଥଳ ନିକଟରେ ଗହଳିର ସୁଯୋଗ ନେଇ ଅଭିଯୁକ୍ତ ଭାଗୀରଥ ସିଂହ ଟଙ୍କା ନିକଟରୁ ତାଙ୍କ ଦାମୀ ମୋବାଇଲ ଫୋନକୁ ଜୋରଜବରଦସ୍ତ ଛଡ଼ାଇ ନେଇ ଫେରାର ହେବ ଲାଗି ଉଦ୍ୟମ କରିଥିଲେ। ଭାଗୀରଥଙ୍କୁ ସାହାଯାତ୍ରୀଙ୍କ ସହଯୋଗରେ କାବୁ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ତାଙ୍କ ନାମରେ ଭୁବନେଶ୍ୱରର ସହିଦନଗର ଥାନାରେ ୨ ଟି, ଖଣ୍ଡଗିରି ଥାନାରେ ଗୋଟିଏ, ପୁରୀ ଟାଉନ ଥାନା ଏବଂ ରାଉରକେଲା ତଅାଁରପାଲି ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।




ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥରେ ଘନ କୁହୁଡିର ଆସ୍ତରଣ

## 'ଭାରତ ବନ୍ଦ' ସଫଳ ପାଇଁ ପଥପ୍ରାନ୍ତ ସଭା, ଶୋଭାଯାତ୍ରା

ଭୁବନେଶ୍ୱର, ୭।୨(ସମିସ): ବିଜେପି ସରକାର ୩ୟ ପାଳି କ୍ଷମତାକୁ ଆସିବା ପରେ ଶ୍ରମିକ କର୍ମଚାରୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ଲାଗୁ କରାଇବା 'ଏମ୍‌ଏନ୍‌ଆର୍‌ଇଜିଏ'କୁ ହଟାଇ ଭିବି-ଜୀ ରାମ୍ ଜୀ ଆଇନ ପ୍ରଣୟନ, କୃଷି ଆଇନ ପ୍ରତ୍ୟାହାର ବେଳେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ପ୍ରଣୟନର ପ୍ରତିଶ୍ରୁତି ଦେଇ ମଧ୍ୟ ଏ ପର୍ଯ୍ୟନ୍ତ ଆଇନ ପ୍ରଣୟନ ନ କରିବା ବିଦ୍ୟୁତ୍ ସଂଶୋଧନ ବିଲ୍, ବିହନ ବିଲ୍ ଶାନ୍ତି ବିଲ୍, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, 'ସବ୍‌କା ବୀମା, ସବ୍‌କା ରକ୍ଷା' ବିଲ୍, ଆଗତ କରି ଦେଶର ଜନଗଣଙ୍କ ବିରୋଧରେ ମୋଦି ସରକାର ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏହାର ପ୍ରତିବାଦ ସହ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ପ୍ରଦାନ କରିବା, ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ହାରରେ ପ୍ରଦାନ କରିବା ଦାବିରେ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡ଼େରେସନମାନଙ୍କ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବାଠାରୁ ସମାନ ପରିସ୍ଥିତି ଲାଗି ରହିଛି। କର୍ମ ନିଯୁକ୍ତିରେ ଦୁର୍ନୀତି, ଦରଦାମ୍ ବୃଦ୍ଧି ଜୀବନ ଧାରଣକୁ ଦୁର୍ବିସହ କଲାଣି। ଏହାର ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ- ହରତାଳ ଓ ଭାରତ ବନ୍ଦ ସଫଳ କରିବା ପାଇଁ ଶନିବାର ସିପିଆଇ ଭୁବନେଶ୍ୱର ଅଞ୍ଚଳ କମିଟି, ଏଆଇଟିୟୁସି ଓ ବିକେଏମ୍‌ୟୁ ପକ୍ଷରୁ ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ବାହାରିଥିବା ଶୋଭାଯାତ୍ରା ବାହାରି ରାଜମହଲ ଛକ ଓ ଅଶୋକନଗର ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହସମ୍ପାଦକ ସାଥୀ ଜୟନ୍ତ ଦାସ, ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କୈଳାସ ପୁହାଣ, ସହ ସମ୍ପାଦକ ବିଶ୍ୱଜିତ୍ ନାୟକ, ଛେତମ୍ବର ଭୋଇ, ଅଭୟ ବାରିକ, କୁନା ଜାଲି, ବିଦ୍ୟୁତ୍ ଶାଖା ସମ୍ପାଦକ ପରମାନନ୍ଦ ବେହେରା ଓ ଉଗ୍ରସେନ ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଶିଶୁ ଗଳ୍ପ ପୁସ୍ତକ 'ଚନ୍ଦ୍ରରେ ଚନ୍ଦ୍ରଯାନ' ଉନ୍ମୋଚିତ

ଭୁବନେଶ୍ୱର, ୭।୨(ସମିସ): କବି ମାଧୁରୀ ଅଧିକାରୀଙ୍କ ଦ୍ୱାରା ରଚିତ ମହାକାଶ ବିଜ୍ଞାନ ଉପରେ ଆଧାରିତ ଗଳ୍ପ ପୁସ୍ତକ 'ଚନ୍ଦ୍ରରେ ଚନ୍ଦ୍ରଯାନ' ଶୁକ୍ରବାର ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚିନ କରିଛନ୍ତି। କବି ମାଧୁରୀ ଅଧିକାରୀଙ୍କ ୮୦ତମ ଜନ୍ମଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ଏହି ପୁସ୍ତକ ଲୋକାର୍ପିତ ହୋଇଛି। ଶ୍ରୀମତୀ ଅଧିକାରୀ ଏପର୍ଯ୍ୟନ୍ତ ୪୦ରୁ ଅଧିକ ଜନପ୍ରିୟ ପୁସ୍ତକ ରଚନା କରିଛନ୍ତି। ଯେଉଁଥିରେ ଶିଶୁ ସାହିତ୍ୟ, ଉପନ୍ୟାସ, ଗଳ୍ପ ସଂକଳନ ଓ କବିତା ସଂଗ୍ରହ ରହିଛି। 'ଚନ୍ଦ୍ରରେ ଚନ୍ଦ୍ରଯାନ' ପୁସ୍ତକରେ ଚନ୍ଦ୍ରଯାନ-୧ ଓ ଚନ୍ଦ୍ରଯାନ-୨ର ଆଂଶିକ ବିଫଳତା ପରେ ଚନ୍ଦ୍ରଯାନ-୩ର ସଫଳତାରେ ଭାରତୀୟ ମହାକାଶ ବିଜ୍ଞାନୀମାନଙ୍କର ଉତ୍କର୍ଷତା ବିଷୟରେ ଗଳ୍ପ ରହିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହିତ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଲେଖିକା ଓ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ ପୁସ୍ତକର ବର୍ଣ୍ଣନା ଓ ସାରାଂଶ ଉପସ୍ଥାପନ କରିଥିଲେ। ମାଧୁରୀ ଅଧିକାରୀଙ୍କ ପୁଅ ଉମେଶ ଅଧିକାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।



## ଦୁର୍ଘଟଣାରେ ଯୁବକ ମୃତ

ଭୁବନେଶ୍ୱର, ୭।୨(ସମିସ): ଗାଡ଼ିକୁ ଓଭରଟେକ୍ କରୁଥିବା ସମୟରେ ଖଣ୍ଡଗିରି ଥାନା ୧୬ ନମ୍ବର ଜାତୀୟ ରାଜପଥ ପାତ୍ରପଡ଼ା ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ତମାଣ୍ଡୋ ଥାନା ସହଜପୁର ଗ୍ରାମର ସନ୍ତୋଷ ବାରିକଙ୍କ ପୁଅ ନାରାୟଣ ବାରିକ (୨୨)। ନାରାୟଣ ପାତ୍ରପଡ଼ାସ୍ଥିତ ଏକ କପଡ଼ା ସୋରୁମରେ କାମ କରନ୍ତି। ମିଳିଥିବା ସୂଚନା ଅନୁସାରେ ନାରାୟଣ ପାତ୍ରପଡ଼ାସ୍ଥିତ ଏକ କପଡ଼ା ସୋରୁମରେ କାମ କରନ୍ତି। ଶନିବାର ଅପରାହ୍ନ ସାଢେ ଗୋଟାଏ ବେଳେ ସୋରୁମରୁ ବାହାରି ଖାଇବାକୁ ଘରକୁ ଯାଉଥିଲେ। ଯିବା ସମୟରେ ତାଙ୍କ ଆଗେ ଆଗେ ଏକ ବସ ଓ ଅନ୍ୟ ଏକ ଲୁନା ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ସେହିଭଳି ସମୟରେ ନାରାୟଣ ଅତିକ୍ରମ କରିବାକୁ ଚେଷ୍ଟା କଲାବେଳେ ଲୁନାରେ ଲଦା ହୋଇଥିବା ଅଖାରେ ବାଜି ଭାରସାମ୍ୟ ହରାଇ ବସରେ ପିଟି ହୋଇ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ସହ ଲୁନା ଚାଳକ ଜଣକ ମଧ୍ୟ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ବସଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଜଣକୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ବାଟରେ ଅଟକାଇ 'ଅନ୍‌ଲାଇନ୍' ଲୁଟ୍; ୩ ଗିରଫ



ଭୁବନେଶ୍ୱର, ୭।୨(ସମିସ): ଖାରବେଳନଗର ଥାନା ଅଞ୍ଚଳରେ ୩ ଜଣ ଦୁର୍ବୃତ୍ତ ଏକ ନିଛାଟିଆ ସ୍ଥାନରେ ଜଣେ ବ୍ୟକ୍ତିଙ୍କୁ ଡରାଇ ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ଲୁଟ୍ କରିଛନ୍ତି। ଏହି ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୁ ବେହେରା, ଅଭିଯୁକ୍ତ ସାଇଜାଦ୍ ଖାଁ ଓ ସୁବ୍ରତ କୁମାର ମହାନ୍ତି।

ସୂଚନାଯୋଗ୍ୟ ଯେ, ଗତ ୫ ତାରିଖ ସକାଳ ୬ଟା ସମୟରେ ଅଭିଯୋଗକାରୀ ନିଜ ସମ୍ପର୍କୀୟଙ୍କୁ ସାକ୍ଷାତ କରିବା ଲାଗି ଭୁବନେଶ୍ୱର ରେଳୱେ ଷ୍ଟେସନ ଯାଇଥିଲେ। ସେଠାରୁ ଫେରିବା ବେଳେ ରିଲାଏନ୍ସ ସୋରୁମ ନିକଟରେ ଉପରୋକ୍ତ ତିନି ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀ ମାନେ ତାଙ୍କୁ ଘେରି ଯାଇଥିଲେ। ତାଙ୍କୁ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କୁ ଭୟଭୀତ କରିବା ସହ ଅନଲାଇନ ଟଙ୍କା ପଠାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀ ଭୟରେ ଅଭିଯୁକ୍ତ ମାନଙ୍କ ନିର୍ଦ୍ଦେଶ ମୁତାବକ ଏସକେ. ଆଲମିନ ନାମକ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୫୫, ୦୦୦ ଟଙ୍କା ଏବଂ ପ୍ରଶାନ୍ତ ବାରିକ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ 'ଶ୍ରୀରାମ ଟି ଷ୍ଟଲ' ନାମରେ ଥିବା ଅକାଉଣ୍ଟକୁ ୨୦, ୫୦୦ ଟଙ୍କା ପଠାଇ ଦେଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତମାନେ ଘଟଣାକୁ ବାହାରେ ପ୍ରକାଶ କଲେ ଭୟଙ୍କର ପରିଣାମ ଭୋଗିବା ଲାଗି ତାଙ୍କୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ହେପାଜତରୁ ୩୦, ୦୦୦ ଟଙ୍କା ଜବତ କରିଥିଲା।

## ବାୟୋମାସ୍ ବ୍ରିକେଟ୍ ପ୍ରତିଷ୍ଠା ପାଇଁ ବିଏମ୍‌ସିର ଚୁକ୍ତିପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୭।୨(ସମିସ): ବାୟୋମାସ ବ୍ରିକେଟ୍ ଉତ୍ପାଦନ କାରଖାନାର ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ମଡେଲ ଗ୍ରହଣ କରି ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିଲାମୀ ପ୍ରକ୍ରିୟା ଜରିଆରେ ଟେଣ୍ଡରକୁ ସଫଳତାର ସହ ଚୂଡ଼ାନ୍ତ କରିଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଅଯଥା ନଷ୍ଟ କରିଦିଆଯାଉଥିବା ବୃକ୍ଷ ଶାଖା, ପତ୍ର, କାଠ ଗଣ୍ଡି ଏବଂ ଅନ୍ୟାନ୍ୟ ଉଦ୍ୟାନ କୃଷି ଅବଶିଷ୍ଟାଂଶ ଭଳି ସବୁଜ ବର୍ଜ୍ୟବସ୍ତୁଗୁଡ଼ିକର ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ସେଗୁଡ଼ିକୁ ମୂଲ୍ୟଯୁକ୍ତ ବାୟୋମାସ ବ୍ରିକେଟରେ ପରିଣତ କରିବା। କାର୍ଯ୍ୟର ସର୍ତ୍ତାବଳୀ ଅନୁଯାୟୀ, ମନୋନୀତ ଏଜେନ୍ସି ଭୁବନେଶ୍ୱର ମହାନଗର ନିଗମର କୌଣସି ଆର୍ଥିକ ବିନିଯୋଗ ବିନା ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ପ୍ଲାଣ୍ଟର ଡିଜାଇନ୍, ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ। ଏହାର ପ୍ରତିବଦଳରେ ଏଜେନ୍ସି ଏକ ନିର୍ଦ୍ଦିଷ୍ଟ ମାସିକ ରୟାଲଟି ବାବଦକୁ ୭୫, ୦୦୦ ଟଙ୍କା ଲେଖାଏଁ ୧୦ ବର୍ଷ ପର୍ଯ୍ୟନ୍ତ ବିଏମସିକୁ ପ୍ରଦାନ କରିବ। ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ ପ୍ରକଳ୍ପଟି ମହାନଗର ନିଗମର ସମ୍ବଳ ଉପରେ କୌଣସି ଅତିରିକ୍ତ ବୋଝ ନ ପକାଇ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବ। ଏଜେନ୍ସି ନିକଟସ୍ଥ ଶିଳ୍ପ ପାଇଁ ଏକ ଉତ୍ସର୍ଗୀକୃତ ବିକ୍ରୟ ଏବଂ ଯୋଗାଣ ଶୃଙ୍ଖଳା ମଧ୍ୟ ପ୍ରତିଷ୍ଠା କରିବ, ଯାହା ଶିଳ୍ପ ଶକ୍ତି ଆବଶ୍ୟକତା ପାଇଁ ଏକ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଇନ୍ଧନ ଉତ୍ସ ଭାବରେ ବାୟୋମାସ ବ୍ରିକେଟ୍ର ଉପଯୋଗକୁ ସକ୍ଷମ କରିବ। ଏହା କେବଳ ଶିଳ୍ପ ପ୍ରକ୍ରିୟାରେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ମହାନଗର ନିଗମର ସବୁଜ ବର୍ଜ୍ୟକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭଦାୟକ ଶକ୍ତି ଉତ୍ପାଦରେ ପରିଣତ କରି ଚକ୍ରାକାର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ। ଏହି ପଦକ୍ଷେପ ଭାରତରେ ଏକ ଅନନ୍ୟ ଏବଂ ଅଗ୍ରଣୀ ମଡେଲକୁ ପ୍ରତିନିଧିତ୍ୱ କରେ, ଯେଉଁଥିରେ ପୌର ନିଗମ ଏକାସାଙ୍ଗରେ ସ୍ଥାୟୀ ସବୁଜ ବର୍ଜ୍ୟ ପରିଚାଳନା ହାସଲ କରେ ଏବଂ ନିଶ୍ଚିତ ପୁନରାବୃତ୍ତ ରାଜସ୍ୱ ସୃଷ୍ଟି କରେ। ପୌର ପାଣ୍ଠି କିମ୍ବା ସବସିଡି ଉପରେ ନିର୍ଭର କରୁଥିବା ପାରମ୍ପାରିକ ବର୍ଜ୍ୟ ପରିଚାଳନା ପ୍ରକଳ୍ପଗୁଡ଼ିକ ତୁଳନାରେ ଏହି ମଡେଲ୍ ପ୍ରକଳ୍ପକୁ ଆତ୍ମନିର୍ଭରଶୀଳ କରିଥାଏ। ଲ୍ୟାଣ୍ଡଫିଲ୍‌କୁ ପଠାଯାଇଥିବା ସବୁଜ ବର୍ଜ୍ୟବସ୍ତୁ ହ୍ରାସ କରିଥାଏ, ପରିଚାଳନା ଦକ୍ଷତା ବୃଦ୍ଧି କରେ ଏବଂ ନିଗମର ଆର୍ଥିକ ସ୍ଥିତିକୁ ମଜବୁତ କରେ। ଏହି ପଦକ୍ଷେପ ଅଭିନବ ସହରାଞ୍ଚଳ ଶାସନ, ପରିବେଶ ସ୍ଥିରତା ଓ ସ୍ୱଚ୍ଛ ଭାରତ ମିଶନ ଏବଂ ସର୍କୁଲାର ଅର୍ଥନୀତି ନୀତି ଅଧୀନରେ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ପ୍ରତି ବିଏମସିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମଗ୍ର ଦେଶରେ ଅନ୍ୟ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ପାଇଁ ଏକ ପ୍ରତିକୃତି ଶ୍ରେଷ୍ଠ-ଅଭ୍ୟାସ ମଡେଲ ଭାବରେ ମଧ୍ୟ କାର୍ଯ୍ୟକରେ।

# ଭୁବନେଶ୍ୱର ସିଟି



## ସରିଲା ଯାତ୍ରା ମହାକୁମ୍ଭ

# ଶେଷ ସନ୍ଧ୍ୟାରେ ସୁଯୋଗ ଛାଡ଼ିଲେନି ଦର୍ଶକ



ଭୁବନେଶ୍ୱର, ୭।୨ (ସମିସ): ଆସନ୍ତାକାଲି ଠାରୁ ଆଉ ଶୁଭିବନି ସଂଳାପ, ଜଳିବନି ଚିକିମିକି ରଙ୍ଗିନ ଆଲୁଅ। ଦୀର୍ଘ ୧୨ ଦିନ ହେବ ଚାଲିଥିବା ଅଘୋଷିତ ଯାତ୍ରା ମହାକୁମ୍ଭ ଶନିବାର ରାତିରେ ଶେଷ ହୋଇଛି। ବିଦାୟ ରଜନୀରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ନାଟକ ବଦଳାଇଥିବା ବେଳେ ବାକି ୬ଟି ପାର୍ଟି ସେଇ ନାଟକକୁ ରିପିଟ୍ କରିଛନ୍ତି। ଶନିବାର ସବୁ ଯାତ୍ରା ପଡ଼ିଆରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଶେଷ ଦିନରେ ଶେଷ ସୁଯୋଗ ଛାଡ଼ି ନ ଥିଲେ ଦର୍ଶକ। ୧୨ ଦିନ ଧରି ଚାଲିଥିବା ଯାତ୍ରା ପରିବେଷଣ ଶେଷ ହେଉଥିବାରୁ ଭାବବିହ୍ୱଳ ହୋଇଥିଲେ ଦର୍ଶକ। ବିଦାୟ ରଜନୀରେ ଷ୍ଟେଜ୍ ବ୍ଲାଷ୍ଟିଂ ରେକର୍ଡ ଡ୍ୟାନ୍ସ ସାଙ୍ଗକୁ ମନଛୁଆଁ କାହାଣୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

କଳିଙ୍ଗ ପେଣ୍ଡାଲରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଅନ୍ତିମ ରାତିରେ ନାଟକ ବଦଳାଇଛି। ୩ ଦିନ ଧରି 'ରାଜଧାନୀର ରାଜା ଆଚାର୍ଯ୍ୟ' ବହି ପରିବେଷଣ କରୁଥିବା ବେଳେ ଶେଷ ରାତିରେ 'ତୋ ପ୍ରେମ ଲାଗେ ନୂଆ ନୂଆ 'ନାଟକ ମଞ୍ଚସ୍ଥ କରିଛି। ଅଶ୍ୱିନୀ, ବର୍ଷା, ବାପି, ସୋଫିଆ, ଅକ୍ଷୟ, କବିତା ଓ ରଶ୍ମିଙ୍କ ଅଭିନୟ ସାଙ୍ଗକୁ କ୍ୟାଲେଣ୍ଡରଙ୍କ କମେଡିରେ ଆକର୍ଷିତ ହୋଇଛନ୍ତି ଦର୍ଶକ।

ହରେକୃଷ୍ଣ ମହତାବ ମଞ୍ଚରେ ଖେଳୁଥିବା ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ ଶେଷ ପର୍ଯ୍ୟନ୍ତ ମଧ୍ୟ ବହି ବଦଳାଇ ନାହିଁ। ଲଗାତାର ଅଷ୍ଟମ ରାତିରେ ମଧ୍ୟ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିଛି। ତୋଫାନ-ସୋନାଲିଙ୍କ ଅଭିନୟ ଦେଖିବାକୁ ଦର୍ଶକଙ୍କ ଭିଡ଼ ଲାଗିଛି।

ସନାତନ ସେବା ସମିତି ମଞ୍ଚରେ ସୂର୍ଯ୍ୟମନ୍ଦିର ଲଗାତାର ଦ୍ୱିତୀୟ ରାତିରେ ଅରୁଣ ବାରିକଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ନଖ୍ ନାନୀ ପୁଅ ଭଗିଆ' ନାଟକ ପରିବେଷଣ କରିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମଉଡ଼ମଣି ଶିବାନୀ ଗଣନାଟ୍ୟ ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ ନାୟକ (ବଳିଆ)ଙ୍କ ନିର୍ଦ୍ଦେଶିତ 'ଏ ମନ କାଶୀ ବୃନ୍ଦାବନ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି।

ମା ମଙ୍ଗଳା ସାଂସ୍କୃତିକ ପରିଷଦ ଷ୍ଟେଜରେ ଯାତ୍ରା ରଙ୍ଗମହଲ ଷଷ୍ଠ ରାତିରେ ମଧ୍ୟ ସମାନ ନାଟକ ଭେଟି ଦେଇଛି। ରଚୟିତା ଦୀପକ ଜେନା ଓ ଶାରଦା ପ୍ରସାଦ ରଣାଙ୍କ ବଳିଷ୍ଠ ନିର୍ଦ୍ଦେଶନାର ନାଟକ 'କଟି କଟି ଡବଲ କଟି' ବହି ପରିବେଷଣ ହୋଇଛି।

ଜୟଦୁର୍ଗା ସାଂସ୍କୃତିକ ମଞ୍ଚରେ ନାଚୁଥିବା ଯାତ୍ରା ବିଶ୍ୱ ଦରବାର ମଧ୍ୟ ଦୀପକ ଜେନାଙ୍କ ରଚିତ ଓ ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ବଦନାମ୍ ଗଳିର ବାଦଶାହା' ନାଟକ ମଞ୍ଚସ୍ଥ କରିଛି। ସେପଟେ ଅନନ୍ତ କେଶରୀ ଦେବ ପେଣ୍ଡାଲରେ ନାଟ୍ୟ ମଣ୍ଡପ ଶେଷ ରାତିରେ ମଧ୍ୟ 'ଲେଡି ଗ୍ୟାଙ୍ଗଷ୍ଟର' ନାଟକ ପରିବେଷଣ କରିଛି।

ଗତ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଖଣ୍ଡଗିରି ଯାତ୍ରା ମହାକୁମ୍ଭର ପ୍ରଥମ ପର୍ଯ୍ୟାୟ ଲଢେଇରେ ଅଶୋକ ସମ୍ରାଟ, କୋଣାର୍କ ଗଣନାଟ୍ୟ, ସିଂହବାହିନୀ, ସ୍ୱର୍ଣ୍ଣମହଲ, ଅପେରା ଶ୍ରୀମନ୍ଦିର, ଧଉଳି ଗଣନାଟ୍ୟ, ଅପେରା ରାଜଦରବାର ଓ ଯାତ୍ରା ଇନ୍ଦ୍ରଭୁବନ ଭାଗ ନେଇଥିଲେ। ସେହିପରି ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ତୁଳସୀ, ସୂର୍ଯ୍ୟ ମନ୍ଦିର, ଶିବାନୀ, ରଙ୍ଗମହଲ, ଯାତ୍ରା ବିଶ୍ୱ ଦରବାର, ନାଟ୍ୟ ମଣ୍ଡପ ଓ କଳିଙ୍ଗ ଗଣନାଟ୍ୟ ଭଳି ନାମକରା ପାର୍ଟି ନାଟକ ପରିବେଷଣ କରିଥିଲେ। ଦୁଇଟି ଯାକ ପର୍ଯ୍ୟାୟରେ ନାମୀଦାମୀ ଯାତ୍ରା ପାର୍ଟି ଭାଗ ନେଇଥିବାରୁ ଅପେରା ପାର୍ଟିଙ୍କ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା।



# 'କାହାଣୀ ଭଲ ହେଲେ ନାମକରା କଳାକାର ଆବଶ୍ୟକ ନାହିଁ'



**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ନାୟିକା ପ୍ରଭାସିନୀ ପାଣିଗ୍ରାହୀ (ମାମା)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର।**

**ଯାତ୍ରାକୁ କେବେ ଓ କିପରି ଆସିଲେ ?**

ଉ- ଆମ ଗାଁରେ ଅପେରା ପଡ଼ିଥିଲା, ସେଇଠୁ ଯାତ୍ରାକୁ ଆସିବାକୁ ସୁଯୋଗ ମିଳିଲା। ପ୍ରାୟ ୧୭ ବର୍ଷ ପୂର୍ବେ ମୁଁ ଯାତ୍ରାକୁ ଆସିଥିଲି।

**ସେବେକାର ଯାତ୍ରା ଓ ଏବେ ମଧ୍ୟରେ କଣ ଫରକ ଦେଖୁଛନ୍ତି?**

ଉ- ସେତେବେଳେ ଅଧିକାଂଶ ବୟସ୍କମାନେ ନାଟକ ଦେଖିବାକୁ ଆସୁଥିଲେ, ଏବେ ଯୁବପିଢ଼ି ମଧ୍ୟ ଆସୁଛନ୍ତି। ପୂର୍ବ ଅପେକ୍ଷା ଯାତ୍ରାପ୍ରେମୀଙ୍କ ସଂଖ୍ୟା ଢେର୍ ବଢ଼ିଛି। ବ୍ୟତିକ୍ରମ ଏଇଆ ଯେ, ସେବେ ଲୋକ ଆସି ଯାତ୍ରା ଦେଖିବା ପରେ ନିନ୍ଦା ଓ ପ୍ରଶଂସା କରୁଥିଲେ। ଏବେ ସୋସିଆଲ ମିଡିଆରେ ଦେଖି ଜଜ୍ କରୁଛନ୍ତି। ସୋସିଆଲ ମିଡିଆ ଯେତିକି ଭଲ ସେତିକି ଖରାପ୍ ମଧ୍ୟ।

**କାହାଣୀରେ କ'ଣ ପରିବର୍ତ୍ତନ ହୋଇଛି?**

ଉ- ସେତେବେଳର କାହାଣୀ ବହୁତ ଭଲ ଥିଲା। ଲୋକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧିବାରେ ସଫଳ ହେଉଥିଲା। କିନ୍ତୁ ସେ ସମୟର କାହାଣୀ ଆଉ ନାହିଁ। କାହାଣୀ ମଜଭୁତ ହେବା ଦରକାର। କାହାଣୀ ଭଲ ହେଲେ ନାମକରା କଳାକାର ଆବଶ୍ୟକ ନାହିଁ।

**ନବାଗତ କଳାକାରଙ୍କୁ ନେଇ କ'ଣ କହିବେ?**

ଉ- ଆମେ ସମସ୍ତେ ରୋଜଗାର ପାଇଁ ହିଁ ଅଭିନୟ କରୁଛନ୍ତି। ତା' ବୋଲି ନୁହଁ ଅଭିନୟକୁ ଗୁରୁତ୍ୱର ସହ ନନେବା। ସେବେକାର କଳାକାରମାନେ ନିଜେ ଶିଖିବା ସହ ଆମମାନଙ୍କୁ ଶିକ୍ଷା ଦେଉଥିଲେ। କିନ୍ତୁ ଏବେ ଯେଉଁମାନେ ଯାତ୍ରାକୁ ଆସୁଛନ୍ତି, ସେମାନଙ୍କ ମନରେ ଶିଖିବାର ଇଚ୍ଛାଶକ୍ତି ନାହିଁ। କେବଳ ଦରମା ପାଇଁ ଅଭିନୟ କରୁଛନ୍ତି। ମୋ ମତରେ ଏସବୁ ଶୁଭଙ୍କର ନୁହେଁ।

**ଖଣ୍ଡଗିରିକୁ ନେଇ କଣ କହିବେ?**

ଉ- ଖଣ୍ଡଗିରି ଯାତ୍ରା ସବୁବେଳେ ସ୍ୱତନ୍ତ୍ର। ଖଣ୍ଡଗିରିରେ ଅଭିନୟ କରିବାକୁ ମନରେ ଜୋସ୍ ଥାଏ ଓ ଆମେମାନେ ମଧ୍ୟ ସେଇ ଅନୁସାରେ ପ୍ରସ୍ତୁତ ହେଉ। ଖଣ୍ଡଗିରିକୁ ଆସୁଥିବା ଦର୍ଶକ କେଉଁଠାର, ତାହା ଆକଳନ କରିବା ଏକପ୍ରକାର ଅସମ୍ଭବ। ଖଣ୍ଡଗିରି ଯାତ୍ରା ସରିବା ପରେ ଆମେ ଟିକେ ହାଲକା ହୋଇଯାଉ। ଏମିତିକି ଆମେ ଯେତେବେଳେ ମାଲିକଙ୍କ ସହ ଚୁକ୍ତି କରୁ, ସେତେବେଳେ ପ୍ରଥମେ ପଚାରୁ କି ଖଣ୍ଡଗିରି ଅଛି ନାଁ ନାହିଁ।

**ଆପଣଙ୍କ ପାରିବାରିକ ଜୀବନରେ ଯାତ୍ରା କ'ଣ ପ୍ରଭାବ ପକାଇଛି?**

ଉ- ଯାତ୍ରାକୁ ଯେଉଁମାନେ ଆସିଛନ୍ତି ବା ଆସୁଛନ୍ତି, ପଇସା ତ ରୋଜଗାର କରୁଛନ୍ତି କିନ୍ତୁ ଜୀବନରେ ସୁଖ ନାହିଁ। ଆମ ପାଇଁ ପର୍ବପର୍ବାଣୀ ବି ସାଧାରଣ ଦିନ ଭଳି। ସବୁବେଳେ କେବଳ ଯାତ୍ରା। ପରିବାର ଠାରୁ ବହୁ ଦୂରରେ ରହିବା ସହ କର୍ତ୍ତବ୍ୟ ମଧ୍ୟ ନିଭାଇ ପାରୁନାହୁଁ। ପରିସ୍ଥିତି ଯାହା ବି ହେଉ, ଆମକୁ ଅଭିନୟ କରିବାକୁ ପଡ଼ିବ। ଯେମିତି ଆମ ଜୀବନଟା ଅପାତ୍ରରେ ଦାନ କରିଦେଇଛୁ।

**ଯାତ୍ରାରେ ଅଶ୍ଳୀଳତା ଦରକାର ଅଛି କି? ଏଥିପାଇଁ ଦାୟୀ କିଏ?**

ଉ- ଭୁଲ୍, ଯାତ୍ରାରେ ଅଶ୍ଳୀଳତାର କୌଣସି ବି ସ୍ଥାନ ନାହିଁ। ଶରୀର ଲୁଚାଇବାକୁ ବା ଲଜ୍ଜାକୁ ଲୁଗା ପିନ୍ଧୁଛନ୍ତି। ଆମେ ଝିଅଟିଏ ହୋଇ ବାହାରକୁ ବାହାରିଛନ୍ତି ମାନେ, ବାପାମାଆଙ୍କ ଇଜ୍ଜତ ରଖି ଚାଲିବାକୁ ପଡ଼ିବ। ତୁମେ କାହିଁ ହାତ ଦେଖାଇବ, କିଏ କାହିଁ ବାହା ଗିଳିବ। ନିଜେ ନ ଚାହିଁବା ପର୍ଯ୍ୟନ୍ତ କିଛି ହୁଏନାହିଁ। ପୂର୍ବରୁ ଲୋକମାନେ ଏତେ ଚାଲାକ ଚତୁର ନଥିଲେ, କିନ୍ତୁ ଏବେକାର ପିଲାମାନେ ଟ୍ୟାଲେଣ୍ଟେଡ୍। ସେମାନେ କିଭଳି ଭୁଲ୍ କରିବା ପାଇଁ ଚେଷ୍ଟା କରିବେ? ତା ମାନେ ନିଜେ ହିଁ ଜାଣିଶୁଣି ଏଭଳି ଭୁଲ୍ ପ୍ରଥାକୁ ପ୍ରଶୟ ଦେଉଛନ୍ତି।

**● ନୂଆ ମୋଡ଼ ନେଲା ଯାତ୍ରା ବିବାଦ**

# ସାଇ ଓ ପାୟଲଙ୍କ ନାଁରେ ଥାନାରେ ଫେରାଦ ହେଲେ ନାଣ୍ଟୁ

**ଯାତ୍ରା କମିଟି ବି ଦେଲା ଏତଲା**

ଭୁବନେଶ୍ୱର, ୭।୨ (ସମିସ): ଦୁଇ ଦିନ ହେବ ଆରମ୍ଭ ହୋଇଥିବା ଯାତ୍ରା ବିବାଦ ନୂଆ ମୋଡ଼ ନେଇଛି। ଅଭିନେତା ସାଇ ଗତକାଲି ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଓରଫ୍ ନାଣ୍ଟୁଙ୍କ ନାମରେ ଅଭିଯୋଗ ଆଣିଥିବା ବେଳେ ଆଜି ତାଙ୍କ ନାମରେ ଦୁଇଟି ଏତଲା ହୋଇଛି।

ଅଭିଯୋଗ ଅନୁଯାୟୀ, ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ସାଇ ଓ ପାୟଲଙ୍କୁ ଦେଖି ତୁଳସୀ ଗଣନାଟ୍ୟକୁ ବୁକିଂ କରିଥିଲେ। ହେଲେ ୫ ତାରିଖରୁ ମଞ୍ଚ ଚଢ଼ି ନଥିବା ବେଳେ ପାୟଲ ଶୁକ୍ରବାରଠାରୁ ଅଭିନୟ କରିନାହାନ୍ତି। ଫଳରେ ଦର୍ଶକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ କମିଟିକୁ ମଧ୍ୟ କ୍ଷତି ସହିବାକୁ ପଡ଼ୁଛି। ସେଥିଲାଗି ହରେକୃଷ୍ଣ ମହତାବ କମିଟି ଆଜି ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିନେତା ସାଇ, ଅଭିନେତ୍ରୀ ପାୟଲ ଓ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ(ନାଣ୍ଟୁ)ଙ୍କ ନାମରେ ଏତଲା ଦେଇଛନ୍ତି। କଥା ଏତିକିରେ ସରିନାହିଁ, ନାଣ୍ଟୁ ଧଳ ମଧ୍ୟ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାଇ ଓ ପାୟଲ ଚୁକ୍ତି ଖିଲାପ କରି ମଞ୍ଚ ଚାହୁଁନାହାନ୍ତି। ସେମାନେ ଅଭିନୟ କରୁନଥିବାରୁ ପାର୍ଟି କ୍ଷତି ସହୁଛି। ସେଥିଲାଗି ସାଇ ଓ ପାୟଲଙ୍କ ନାମରେ ଏତଲା ଦେଇଛନ୍ତି ନାଣ୍ଟୁ।

## ଆଜିର କାହାଣୀ

# ତୋ ପ୍ରେମ ଲାଗେ ନୂଆ ନୂଆ

କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଶେଷ ରଜନୀରେ 'ତୋ ପ୍ରେମ ଲାଗେ ନୂଆ ନୂଆ' ନାଟକ ମଞ୍ଚସ୍ଥ କରିଛି। ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶିତ ଏହି ନାଟକରେ ତ୍ରିକୋଣୀୟ ପ୍ରେମ କାହାଣୀ ଦେଖିବାକୁ ମିଳିଛି। ପ୍ରତାପ ମାନସିଂହ ବିରାଟ ଶିଳ୍ପପତି ହୋଇଥିବା ବେଳେ ସୋଫିଆ ତାଙ୍କର ଏକମାତ୍ର ଝିଅ ଓ ରୁଦ୍ରାକ୍ଷ ବରାଳ ତାଙ୍କ ମ୍ୟାନେଜର ଚରିତ୍ରରେ ଅଭିନୟ କରୁଛନ୍ତି। ରୁଦ୍ରାକ୍ଷ ଚକ୍ରାନ୍ତ କରି ପ୍ରତାପଙ୍କୁ ହତ୍ୟା କରିବା ସହ ସୋଫିଆଙ୍କ ଅଙ୍କଲ୍ ହୋଇଯାଇଛି। ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ସୋଫିଆ ବାପାଙ୍କ ହତ୍ୟା ବିଷୟରେ ତିଳେ ମାତ୍ର ସୁରାକ ପାଉନାହାନ୍ତି। ସୋଫିଆ ତାଙ୍କ କମ୍ପାନୀର କର୍ମଚାରୀ ସମ୍ପର୍କକୁ ଭଲପାଇବା ସହ ସମ୍ପର୍କ ରଖିବାକୁ ବାଧ କରୁଛନ୍ତି। ସମ୍ପର୍କ କିନ୍ତୁ କାଜଲକୁ ଭଲପାଉଥିବାରୁ କୌଣସି ପରିସ୍ଥିତିରେ ସୋଫିଆଙ୍କ ପ୍ରସ୍ତାବରେ ରାଜି ହେଉନାହାନ୍ତି। ସମ୍ପର୍କ ଅରାଜି ହେବାରୁ ସୋଫିଆଙ୍କ ଜିଦ୍ ବଢ଼ି ଯାଉଛି। ସେ ସମ୍ପର୍କକୁ ପାଇବା ପାଇଁ ହାପି ମାଧ୍ୟମରେ କାଜଲକୁ ଗାଡ଼ି ଧକ୍କା କରି ଦିଅନ୍ତି। କାଜଲର ଚିକିତ୍ସା ପାଇଁ ସମ୍ପର୍କର ଟଙ୍କା ଆବଶ୍ୟକ ପଡ଼େ। ସୋଫିଆ ଟଙ୍କା ବଦଳରେ ବିବାହ କରିବାକୁ ବାଧ କରନ୍ତି। ସେପଟେ ସମ୍ପର୍କଙ୍କ ବିଧବା ଭାଉଜ ମଧ୍ୟ ତାଙ୍କୁ ବିବାହ କରିବାକୁ ଆଶା ରଖନ୍ତି। ସମ୍ପର୍କ ସବୁ ପ୍ରକାର ବାଧାବିଘ୍ନକୁ ଏଡ଼ାଇ ସୋଫିଆଙ୍କୁ ବର୍ଷକ ପାଇଁ ଚୁକ୍ତିଭିତ୍ତିକ ବିବାହ କରନ୍ତି। ସମ୍ପର୍କ ପ୍ରଥମରୁ ପ୍ରେମ ପ୍ରତ୍ୟାଖ୍ୟାନ କରିଥିବାରୁ ବିବାହ ପରେ ତାଙ୍କ ଉପରେ ଜିଦଖୋର ସୋଫିଆଙ୍କ ଅତ୍ୟାଚାର ବଢ଼ିଯାଏ। ସମୟକ୍ରମେ ଅଙ୍କଲ୍ ରୁଦ୍ରାକ୍ଷର ଚାଲ୍ ବୁଝିପାରନ୍ତି ସୋଫିଆ। ଏହାରି ଭିତରେ ରୁଦ୍ରାକ୍ଷଙ୍କୁ ମାରି ଦେଉଛନ୍ତି ସମ୍ପର୍କ। ସୋଫିଆ ନିଜ ଭୁଲ୍ ବୁଝିପାରି ସମ୍ପର୍କ ପାଖକୁ ଯିବା ବେଳକୁ ହାର୍ଟ ରୋଗର ଶିକାର ହେଉଛନ୍ତି। ମୁଁ ତୁମ ଉପରେ ବହୁତ ଅତ୍ୟାଚାର କରିଛି, ତୁମେ ମୋ ପ୍ରେମକୁ ପ୍ରତ୍ୟାଖ୍ୟାନ କରିବା ସହ ମୋତେ ଛାଡ଼ି ଚାଲିଯାଅ ବୋଲି ସମ୍ପର୍କଙ୍କୁ କହୁଛନ୍ତି ସୋଫିଆ। ତୁମ ପାଇଁ ଏ ବିବାହ ବର୍ଷକ ପାଇଁ ହୋଇଥାଇପାରେ, କିନ୍ତୁ ମୁଁ ଦେଇଥିବା ସିନ୍ଦୂରର ମର୍ଯ୍ୟାଦା ରଖିବାକୁ ପଡ଼ିବ ବୋଲି ସମ୍ପର୍କ କହୁଛନ୍ତି। ସେତିକିବେଳେ ବିବାହ ବିଷୟରେ ଜାଣିନଥିବା କାଜଲ ଭୁଲ୍ ବୁଝିବା ସହ ସମ୍ପର୍କଙ୍କୁ ଘୃଣା କରନ୍ତି। 'ପ୍ରକୃତରେ ତୋ ପ୍ରେମ ସବୁବେଳେ ଲାଗେ ନୂଆ ନୂଆ' ସମ୍ପର୍କକୁ କହିବା ସହ ମୃତ୍ୟୁବରଣ କରିବା ସହ କରୁଛନ୍ତି ସୋଫିଆ। ଆଉ କାଜଲ ସବୁକିଛି ବୁଝିବା ବେଳକୁ ସମ୍ପର୍କ ମଧ୍ୟ ମରି ଯାଉଛନ୍ତି।

# ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର' ସଂକ୍ରାନ୍ତ ସମ୍ମିଳନୀ

ଭୁବନେଶ୍ୱର, ୭ ।୨(ସମିସ): ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗକୁ ନେଇ ସୋଆ ପରିଚାଳିତ ଏଆଇସିଟିଇର ମିଳିତ ସହଭାଗିତାରେ ସମ୍ମିଳନୀ ସୋଆରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ ନନ୍ଦ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ, ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ବଂଶୀଧର ମାଝି, ଓର୍ଟସ୍ ଇନୋଭେସନ୍‌ର ସିଇଓ ବିରେନ୍ ମିଶ୍ର, ଲାଇଭ୍‌ଲିହୁଡ୍ ଅଲଟରନେଟିଭ୍‌ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସମ୍ବିତ ତ୍ରିପାଠୀ, ଆଇଆଇଟି, ଭୁବନେଶ୍ୱରର ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠାତା କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କେ. ନନ୍ଦ, କଗ୍ନିଜାଣ୍ଟ, ଭୁବନେଶ୍ୱରର ଉପସଭାପତି ଓ ଶାଖା ମୁଖ୍ୟ ସତୀଶ ପ୍ରଧାନ, ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ), ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଏଆଇ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ 'ଆଡପ୍‌ସନ ଅଫ୍ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ହାୟର ଏଜୁକେସନ୍: ଅପର୍ଚୁନିଟିସ୍, ଏଥିକ୍ସ ଆଣ୍ଡ ଇମ୍ପ୍ଲିମେନ୍‌ଟେସନ୍ ଚ୍ୟାଲେଞ୍ଜେସ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସୋଆ ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାମ୍ର ୱାକ୍ସ: ଆଜି 'ଯାଯାବର'ର ୫୧ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର, ୭ ।୨(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଏକ ପ୍ରମୁଖ କାର୍ଯ୍ୟକ୍ରମ ଏକାମ୍ର ୱାକ୍ସ ଏହାର ଓଡ଼ିଆ ଫିଲ୍ମ ପାନୋରାମା ପ୍ରୟାସର ଅଂଶ ଭାବରେ ରବିବାର ଏକ ଐତିହାସିକ ସାଂସ୍କୃତିକ ସନ୍ଧ୍ୟା ଆୟୋଜନ କରିବାକୁ ଯାଉଛି। ଯେଉଁଥିରେ ୧୯୭୫ ମସିହାର କ୍ଲାସିକ୍ ଓଡ଼ିଆ ଫିଲ୍ମ 'ଯାଯାବର'ର ୫୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଉପସ୍ଥାପନ କରାଯିବ। କଳାଭୂମିର ଓପନ୍-ଏୟାର ଥିଏଟରରେ ପ୍ରଦର୍ଶିତ ହେବାକୁ ଥିବା ଏହି ପ୍ରସିଦ୍ଧ କଳା-ଧଳା ଫିଲ୍ମର ରଙ୍ଗୀନ ସଂସ୍କରଣ ଦେଖିବାକୁ ପାଇବେ ଦର୍ଶକ। ବାପୁ ଲେଙ୍କାଙ୍କ ନେତୃତ୍ୱାଧୀନରେ ୨୧ ଜଣ ଟେକ୍ନୋକ୍ରାଟ ଦଳ ୭୩୬ ଦିନ ଅକ୍ଳାନ୍ତ ପରିଶ୍ରମ କରି ମୂଳ ଫିଲ୍ମର ୨, ୧୯, ୦୦୦ ଫ୍ରେମକୁ ପୁନର୍ନିର୍ମାଣ ଓ ରଙ୍ଗୀନ କରିଛନ୍ତି। ତେବେ ଦେଶର ପ୍ରଥମ କଳା-ଧଳା ଆଞ୍ଚଳିକ ଫିଲ୍ମ ଭାବରେ ଯାଯାବରକୁ ରଙ୍ଗୀନ କରାଯାଇଛି। ତେବେ ଫିଲ୍ମର ସ୍କ୍ରିନିଂ ସହ ସନ୍ଧ୍ୟାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏହାର ପ୍ରମୁଖ କଳାକାର ଅଭିନେତ୍ରୀ ବନଜା ମହାନ୍ତି ଓ ତ୍ରିପୁରା ମିଶ୍ର, ଗାୟିକା ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ, ବାପୁ ଲେଙ୍କା, ପ୍ରଯୋଜକ ବିଜୟ ପଟ୍ଟନାୟକ ଏବଂ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ କ୍ରୁ ସଦସ୍ୟ ଉପସ୍ଥିତ ରହିବେ। ତେବେ ଆସନ୍ତା କାଲି ଅପରାହ୍ଣ ୫ଟା ୩୦ରେ ଫିଲ୍ମଟି ପ୍ରଦର୍ଶିତ ହେବା ସହ ଅପରାହ୍ଣ ୨ଟାରେ ଓଡ଼ିଆ ସାହିତ୍ୟ ଟ୍ରେଲ୍ ଅନ୍ତର୍ଗତ ସଖୀ କଣ୍ଢେଇ ନାଚ ଓ କୁଲ୍‌ଫି ଉପରେ ଗପ ସେସନ୍ ଅନୁଷ୍ଠିତ ହେବ।

# ଜାତୀୟ ନାଟ୍ୟ ପର୍ବ: ଶେଷ ସନ୍ଧ୍ୟାରେ 'ଭରତ ବାକ୍ୟ'

ଭୁବନେଶ୍ୱର, ୭ ।୨(ସମିସ): 'ଇଣ୍ଟରନ୍ୟାସନାଲ୍ ଥିଏଟର' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୫୧ତମ ଜାତୀୟ ନାଟ୍ୟ ଉତ୍ସବର ଉଦ୍‌ଯାପିତ ସନ୍ଧ୍ୟାରେ ଶୁକ୍ରବାର 'କଳାକାର ଥିଏଟର' ପକ୍ଷରୁ ନାଟକ 'ଭରତ ବାକ୍ୟ' ପରିବେଷିତ ହୋଇଯାଇଛି। ଏହି ନାଟକର ରଚନା ନିବେଦିତା ଜେନା କରିଥିବା ବେଳେ ହରପ୍ରସାଦ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ସୁବୋଧ ପଟ୍ଟନାୟକ, ସୀମନ୍ତ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ରମେଶ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମିର ପୂର୍ବତନ ସଚିବ ପ୍ରଦୀପ କୁମାର ମିଶ୍ର, ନାଟ୍ୟକାର ନିବେଦିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥଙ୍କୁ ଇଣ୍ଟରନ୍ୟାସନାଲ୍ ଥିଏଟର ଆୱାର୍ଡ଼ ଦିଆଯାଇଥିବା ବେଳେ ସୁରେଶ କୁମାର ନାୟକଙ୍କୁ ଆଇଟି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଜୟ ମଣ୍ଡଳ ଓ ମାନସ ପରିଡ଼ାଙ୍କୁ ଇଣ୍ଟରନ୍ୟାସନାଲ୍ ଥିଏଟର ମିଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ନାଟକର ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକଙ୍କୁ ସମ୍ମାନିତ ହୋଇଥିଲେ।

**କେନାଲ କିସମ ଜମିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ଚାଲେଞ୍ଜ**

# ସାନି ବିଚାର ପର୍ଯ୍ୟନ୍ତ ନିର୍ମାଣ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ

କଟକ, ୭ ।୨(ସମିସ): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଅଞ୍ଚଳରେ ଏକ କେନାଲ ଜମିରେ ବେଆଇନ ଭାବେ ପଞ୍ଚାୟତ ଅଫିସ୍ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ନିଷ୍ପତ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଛନ୍ତି। ସ୍ଥାନୀୟ ବାସିନ୍ଦା କ୍ଷେତ୍ରମୋହନ ରାଉତଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରିବା ସହ ଜମିର ସ୍ଥିତି ନେଇ ଆସନ୍ତା ଦୁଇ ମାସ ମଧ୍ୟରେ ସାନି ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାନି ବିଚାର ପର୍ଯ୍ୟନ୍ତ ଏହି ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ସହରୀକରଣ ବଢୁଥିବା ସମୟରେ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଜଳାଶୟଗୁଡ଼ିକର ସୁରକ୍ଷା କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ସରକାରଙ୍କ ଜାଗା ଚୟନ କମିଟି ଏହି ଜମିକୁ ନିର୍ମାଣ ପାଇଁ ଉପଯୁକ୍ତ ବୋଲି କହିଥିଲେ ମଧ୍ୟ ବର୍ଷା ଦିନର ଜଳ ପ୍ରବାହ ସମ୍ପର୍କରେ କୌଣସି ସନ୍ତୋଷଜନକ ତଥ୍ୟ ରିପୋର୍ଟରେ ନ ଥିଲା ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଏହି ପ୍ରାକୃତିକ କେନାଲରେ ନିର୍ମାଣ କଲେ ବର୍ଷା ଦିନେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ ଏବଂ ସ୍ଥାନୀୟ ଅଞ୍ଚଳ ଜଳବନ୍ଦୀ ହେବାର ଆଶଙ୍କା ରହିଛି। ଲିଙ୍ଗିପୁର ମୌଜାକୁ ଭୁବନେଶ୍ୱର ମହାନଗର ନିଗମରେ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ସେଠାରେ ପଞ୍ଚାୟତ ଅଫିସର ଆବଶ୍ୟକ ଅଛି ନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ।

# କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ମହମ୍ମଦ ସାଦିକ୍ ଆଲମ୍



ଭୁବନେଶ୍ୱର: ୭ ।୨(ସମିସ): କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ)ର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଶନିବାର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମହମ୍ମଦ ସାଦିକ୍ ଆଲମ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। କ୍ରୁଟ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ସହିତ ସାଦିକ୍ ଆଲମ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଓ ଅନ୍ୟାନ୍ୟ ପରିଚାଳନା ବ୍ୟବସ୍ଥାଗୁଡିକର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ସେବା ପ୍ରଦାନ ପ୍ରଣାଳୀ, ପ୍ରଯୁକ୍ତିଗତ ସମନ୍ୱୟ ଏବଂ ଯାତ୍ରୀ ଅନୁଭୂତିକୁ ଅଧିକ ସୁଧାରିବାକୁ ଲକ୍ଷ୍ୟ କରି ଚାଲୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ଆଲମ୍ ମୂଳ ଦାୟିତ୍ୱ ଭାବେ ସୁରକ୍ଷିତ, ବିଶ୍ୱସନୀୟ, ସୁଲଭ ନାଗରିକ-ଅନୁକୂଳ ସାର୍ବଜନୀନ ସେବା ପ୍ରଦାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପରିଚାଳନାତ୍ମକ କ୍ଷମତାବୃଦ୍ଧି, ପ୍ରଯୁକ୍ତି ଆଧାରିତ ଶାସନ ପ୍ରଣାଳୀ ଏବଂ ସଂବେଦନଶୀଳ ଅଭିଯୋଗଗୁଡିକର ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦେବାକୁ କହିଛନ୍ତି। ସେଭଳି ସହରାଞ୍ଚଳ ଯାତାୟାତ ଦିଗରେ ଆମ ବସ୍ ସେବା ପ୍ରତି ସାଧାରଣ ଲୋକଙ୍କର ବିଶ୍ୱାସ ସୁଦୃଢ଼ କରିବାରେ ମୁଖ୍ୟ ଆଧାର ସୃଷ୍ଟି ହେଉ ବୋଲି ଉଲ୍ଲେଖ କରିଛନ୍ତି। ସେହିଭଳି କ୍ରୁଟ ପକ୍ଷରୁ ବସ୍-ଆଧାରିତ ଜନ ପରିବହନ ପ୍ରଣାଳୀର ବିସ୍ତାର ଓ ଆଧୁନିକୀକରଣ, ସହରଗୁଡ଼ିକ ମଧ୍ୟରେ ସଂଯୋଗ ବୃଦ୍ଧି, ଏବଂ ଓଡ଼ିଶା ସରକାରଙ୍କ ସମାବେଶୀ ଓ ପରିବେଶ-ଦାୟିତ୍ୱଶୀଳ ସହରୀ ଉନ୍ନୟନ ସହ ସ୍ଥାୟୀ ଗତିଶୀଳତା ସମାଧାନ କ୍ଷେତ୍ରରେ କ୍ରୁଟ ଜାରି ରଖିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ।

# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୭ ।୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ସପ୍ତଦଶ ବାର୍ଷିକ ଅଧିବେଶନ ଶନିବାର ଭୁବନେଶ୍ୱରସ୍ଥିତ ଓଡ଼ିଶା ଆୟକର ମଣ୍ଡଳର ମୁଖ୍ୟାଳୟ ଆୟକର ଭବନର ପ୍ରେକ୍ଷାଳୟରେ ସଭାପତି ସ୍ୱରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆୟକର କର୍ମଚାରୀ ଫେଡରେସନର ସଭାପତି ରାଧାଶ୍ୟାମ ଗିରି, ସମ୍ପାଦକ ଚିତ୍ତ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ଆୟକର ଗେଜେଟେଡ ଅଧିକାରୀ ସଂଘର ସଭାପତି ଚନ୍ଦନ ଘଡାଇ ଓ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏହି ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ସଭ୍ୟ ପ୍ରସନ୍ନ କୁମାର ମିଶ୍ର, ଶିବପ୍ରସାଦ ସ୍ୱାଇଁ ଓ ଅନ୍ୟ ବହୁ ସଦସ୍ୟ ଆଲୋଚନା କରିଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି ସଂଘର ବାର୍ଷିକ ବିବରଣୀ ପାଠ ଓ ଆୟବ୍ୟୟର ସମୀକ୍ଷା କରିଥିଲେ। ଆଗାମୀ ଦୁଇବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସଦସ୍ୟ ଜୟନ୍ତ କୁମାର ହୋତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା ଏହି ନିର୍ବାଚନରେ ସଭାପତି ଭାବେ ବିଧୁଭୂଷଣ ମହାନ୍ତି, ଉପସଭାପତି ଶରତ କୁମାର ଦାଶ ଓ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି, କଟକ ସମ୍ପାଦକ ବସନ୍ତ କୁମାର ବେହେରା, ବ୍ରହ୍ମପୁର ସମ୍ପାଦକ ମନମୋହନ ରାଓ, ସମ୍ବଲପୁର ସମ୍ପାଦକ ରାମ ନାରାୟଣ ନାୟକ, କୋଷାଧ୍ୟକ୍ଷ ମଙ୍ଗରାଜ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ସର୍ବଶ୍ରୀ ବ୍ରଜେନ୍ଦ୍ରନାଥ ମହାନ୍ତି, କେ ସି ସାହାଣୀ, ଲାଲମୋହନ ମାଝୀ, ନିର୍ମଳେନ୍ଦୁ ଗୁପ୍ତା, ଗୌରାଙ୍ଗ ସାହୁ, ଚିତ୍ତରଞ୍ଜନ ଦାଶ, କମ୍ବୁପାଣି ପଟ୍ଟନାୟକ, ଚିନ୍ତାମଣି ଦାସ, ମନୋରଞ୍ଜନ ପଟ୍ଟନାୟକ ଓ ଚିନ୍ତାମଣି ଦାସ ନିର୍ବାଚିତ ହୋଇଥିଲେ। ସ୍ୱରାଜ ମହାନ୍ତି ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରିଣୀର ସଦସ୍ୟ ରହିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୩୬ ● ପାଉଣ୍ଡ ୧୨୨.୩୦
- ୟୁରୋ ୧୦୬.୪୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୫୫୦ (ଭୁବନେଶ୍ୱର)
- ରୁପା : ୨,୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୮୦.୦୦
- ନିଫ୍ଟି ୨୫,୬୯୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ସର୍ତ୍ତ ରଖି ଅତିରିକ୍ତ ଶୁଳ୍କ ହଟାଇଲା ଆମେରିକା

# ରୁଷରୁ ତୈଳ କିଣିଲେ ପୁଣି ଲାଗିବ ୨୫%

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଭାରତ ଉପରେ ଲଗା ଯାଇଥିବା ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହଟାଇ ଦେଇଛନ୍ତି। ସେ ଏ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି। ମାତ୍ର ଏଥିରେ ଏକ ସର୍ତ୍ତ ରହିଛି। ଯଦି ଭାରତ ପୁଣି ରୁଷ ତୈଳ କିଣେ ତେବେ ଶୁଳ୍କ ଲଗାଇବାର ବ୍ୟବସ୍ଥା ରହିଛି। ରୁଷ୍ ଠାରୁ ଅଶୋଧିତ ତୈଳ କିଣିବାକୁ ନେଇ ଭାରତ ଉପରେ ଏହି ଶୁଳ୍କ ଲଗା ଯାଇଥିଲା। ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଖୋରାକ ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଥିଲା। ଏଥିପାଇଁ ରୁଷ ସହ ସମସ୍ତ କାରବାର ବନ୍ଦ କରିବାକୁ ଟ୍ରମ୍ପ ଧମକ ଦେଇ ଚାଲିଥିଲେ। ପରେ ରୁଷଠାରୁ ଭାରତ ତୈଳ କ୍ରୟ ହ୍ରାସ କରିଥିବା ନିଜେ ଟ୍ରମ୍ପ ସୂଚନା ଦେଇଥିଲେ।





ପରିଶେଷରେ ଗତ ଦୁଇ ତାରିଖରେ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ରେସିପ୍ରୋକାଲ ତଥା ଜବାବୀ ଶୁଳ୍କକୁ ୨୫ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ କରିଥିଲେ। ଅତିରିକ୍ତ ଶୁଳ୍କ ମଧ୍ୟ ହଟାଇବାକୁ ଘୋଷଣା କରିଥିଲେ। ମାତ୍ର ଆମେରିକା ସର୍ତ୍ତମୂଳକ ଭାବେ ଏହି ଶୁଳ୍କକୁ ହଟାଇଛି। ଏ ବିଷୟରେ ବାଣିଜ୍ୟମନ୍ତ୍ରୀଙ୍କୁ ପଚାରିବାରୁ ସେ କୌଣସି ସୂଚନା ଦେଇ ନ ଥିଲେ। ରୁଷ ତୈଳ କ୍ରୟ କିଣିବା ଭାରତ ବନ୍ଦ କରିଦେବ କି ବୋଲି ପଚାରିବାରୁ ଏ ବିଷୟରେ ବୈଦେଶିକ ମନ୍ତ୍ରାଳୟ ସୂଚନା ଦେବ ବୋଲି କହିଥିଲେ। ଅନ୍ୟପଟେ ହ୍ୱାଇଟହାଉସ ପକ୍ଷରୁ ଜାରି ନିର୍ଦ୍ଦେଶରେ ଭାରତ ତୈଳ କ୍ରୟ ବନ୍ଦ କରିଥିବା କୁହାଯାଇଛି। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ କୁହାଯାଉଛି ଯେ ରୁଷରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ତୈଳ କ୍ରୟ ନ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହା ବଦଳରେ ଆମେରିକାଠାରୁ ତୈଳ କ୍ରୟ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା ସହିତ ନିକଟରେ ଆସନ୍ତା ୧୦ ବର୍ଷ ପାଇଁ ଆମେରିକା ସହ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ କାର୍ଯ୍ୟଖସଡ଼ା ସହମତି ପ୍ରକାଶ କରିଛି। ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ନେଇ ଆମେରିକା ଏବଂ

**ବୈଦେଶିକ ମନ୍ତ୍ରାଳୟ ସ୍ପଷ୍ଟ କଲାନି ସ୍ଥିତି**

ଭାରତ ଜାରି କରିଥିବା ଯୁଗ୍ମ ବିବୃତ୍ତିଠାରୁ ଟ୍ରମ୍ପଙ୍କ ନିର୍ଦ୍ଦେଶ ଭିନ୍ନ ରହିଛି। ଏଥିରେ କୁହାଯାଇଛି ଯେ ଭାରତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରୁଷଠାରୁ ଅଶୋଧିତ ତୈଳ କ୍ରୟ କରୁଥିବା ନେଇ ଆମେରିକା ବାଣିଜ୍ୟ ବିଭାଗ ଜାଣିବାକୁ ପାଇଲେ ପୁଣିଥରେ ୨୫ ପ୍ରତିଶତ ଶୁଳ୍କ ଲଗାଯିବ।

ଅନ୍ୟପଟେ ଆମେରିକା ଏବଂ ଭାରତ ପକ୍ଷରୁ ଜାରି କରାଯାଇଥିବା ମିଳିତ ବିବୃତ୍ତିରେ ରୁଷିଆ ନାମ ଉଲ୍ଲେଖ ନାହିଁ। ଏଥିରେ ଆମେରିକାଠାରୁ ଭାରତ ଅଧିକ ଶକ୍ତି ଉତ୍ପାଦ, ବିମାନ, ବିମାନ ଯନ୍ତ୍ରାଂଶ, ମୂଲ୍ୟବାନ ପଦାର୍ଥ, ରୋଷେଇ କୋଇଲା କ୍ରୟ କରିବ ବୋଲି କୁହାଯାଇଛି। ଏହାକୁ ନେଇ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା କହିଛନ୍ତି ଯେ ଭାରତର ଶକ୍ତି କ୍ଷେତ୍ରକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଭାରତର ଶକ୍ତି ଉତ୍ସରେ ବିବିଧତା ହେଉଛି ଆମ ରଣନୀତର ମୁଖ୍ୟ ଅଂଶ। ୧.୪ ବିଲିୟନ ଭାରତୀୟଙ୍କ ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା। ବଜାରର ବାସ୍ତବିକ ସ୍ଥିତି ଏବଂ ପରିବର୍ତ୍ତିତ ଅନ୍ତର୍ଜାତୀୟ ସମୀକରଣକୁ ଦେଖି ନିଜ ଶକ୍ତି ଉତ୍ସରେ ବିବିଧତା ଆଣିବା ସରକାରଙ୍କ ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଭାରତ ପଦକ୍ଷେପ ନେଉଛି ଏବଂ ଆଗକୁ ମଧ୍ୟ ଏପରି ଜାରି ରହିବ। ରିପୋର୍ଟ ଅନୁଯାୟୀ, ଗତ କିଛି ମାସ ହେଲା ରୁଷ ତୈଳ କ୍ରୟକୁ ଭାରତ ହ୍ରାସ କରିଦେଇଛି। ମାତ୍ର ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ବଜାର ଏବଂ ବିଶ୍ୱ ସ୍ଥିତିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଥାଏ ବୋଲି କୁହାଯାଇଛି।

## ଅରୁନ୍ଧତୀ ଜୁଏଲର୍ସର ଫ୍ୟାନ୍ସି ଡିଜାଇନ୍ 'ଅଭିନ୍ନିକା' କଲେକ୍ସନ ଉନ୍ମୋଚିତ

### ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିଆତି

କଟକ, ୭।୨ (ସମିସ): ଓଡ଼ିଶାର ସର୍ବବୃହତ୍ ଜୁଏଲାରୀ ବ୍ରାଣ୍ଡ 'ଅରୁନ୍ଧତୀ ଜୁଏଲର୍ସ' ସର୍ବଦା ରାଜ୍ୟବାସୀଙ୍କ ପସନ୍ଦ ଓ ଚାହିଦାକୁ ଗୁରୁତ୍ୱ ଦେଇ ଆସିଛି। ଗ୍ରାହକଙ୍କ ମନପସନ୍ଦର ସୁନା ଗହଣା ସୁଲଭ ଗଢ଼ା ମଜୁରୀ ସହ ଭେଟିଦେଇ ଆସିଛି। ଭ୍ୟାଲେଣ୍ଟାଇନ ସପ୍ତାହ ଓ ବିବାହ ଋତୁକୁ ଦୃଷ୍ଟିରେ ରଖି ଅରୁନ୍ଧତୀ ଜୁଏଲର୍ସ କଟକ ଶାଖାରେ ଫ୍ୟାନ୍ସୀ ଡିଜାଇନ୍ ନୂତନ କଲେକ୍ସନ 'ଅଭିନ୍ନିକା' ଗହଣାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ଅରୁନ୍ଧତୀ ଜୁଏଲର୍ସ ଦ୍ୱାରା ପ୍ରସ୍ତୁତ 'ଅଭିନ୍ନିକା' ବିବାହର ପବିତ୍ର ବନ୍ଧନ ଦ୍ୱାରା ଅନୁପ୍ରାଣୀତ। ପାରମ୍ପରିକ ଧାରା ସହିତ ଆଧୁନିକ ଶୈଳୀର ସୁନ୍ଦର ସମିଶ୍ରଣ ସହ ଏଥିରେ ଉଭୟ ସୁନା ଏବଂ ହୀରା ଗହଣାର ହଜାରରୁ ଊର୍ଦ୍ଧ୍ୱ ସମ୍ଭାର ରହିଛି। ଏହି ଅବସରରେ ସୁନା ଗହଣାର ଗଢା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି ଏବଂ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଦିଆଯାଉଛି ବୋଲି ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୁଚନା ଦେଉଛନ୍ତି। ଡାଇମଣ୍ଡ ନୋଜ୍ ପିନ୍ କଲେକ୍ସନ ମାତ୍ର ୫,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏହାର ହୀରା ମୂଲ୍ୟ ଉପରେ ମଧ୍ୟ ଫ୍ଲାଟ୍ ୧୦% ରିହାତି ମିଳୁଛି। ସେହିପରି ଆକର୍ଷଣୀୟ





ଡାଇମଣ୍ଡ ନେକ୍‌ଲେସ କଲେକ୍ସନର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୧.୪୯ ଲକ୍ଷ ଟଙ୍କା ଏବଂ କାନଫୁଲ ଓ ମୁଦି ମଧ୍ୟ ମାତ୍ର ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଭିନ୍ନିକା କଲେକ୍ସନ ଅରୁନ୍ଧତୀର ସମସ୍ତ ୧୦ ଶାଖାରେ ଉପଲବ୍ଧ ବୋଲି ଜୋନାଲ ମ୍ୟାନେଜର ମୋହନ ସାହୁ କହିଛନ୍ତି। ଏହି ଉନ୍ମୋଚନ ଅବସରରେ ଅନ୍ୟତମ ଜୋନାଲ ମ୍ୟାନେଜର ନିରଂଜନ ବେହେରା ଓ ମାର୍କେଟିଂ ମୁଖ୍ୟ ସନ୍ତୋଷ ସେନାପତି ମଧ୍ୟ ଉପସ୍ଥିତ ଥିଲେ।

## ନନ୍ଦଘର ପିଲାମାନଙ୍କ ପାଇଁ ଏଆଇ-ଆଧାରିତ ରକ୍ତହୀନତା ଯାଞ୍ଚ

ଭୁବନେଶ୍ୱର, ୭।୨ (ସମିସ): ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଅଧୀନରେ ବେଦାନ୍ତ ଗ୍ରୁପର ପ୍ରମୁଖ ସାମାଜିକ କାର୍ଯ୍ୟକ୍ରମ ନନ୍ଦଘର ଗୁଡ଼ିକରେ ଅଣ ଆକ୍ରମଣାତ୍ମକ ଏଆଇ-ଆଧାରିତ ରକ୍ତହୀନତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ୨-୬ ବର୍ଷ ପିଲାମାନଙ୍କ ମଧ୍ୟରେ ରକ୍ତହୀନତାର ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିକାର ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ୫୩୧ଟି ନନ୍ଦଘର ଓ ଛତିଶଗଡ଼ରେ ୨୬୨ଟି କାର୍ଯ୍ୟ କରୁଛି। ଏହାର ଲକ୍ଷ୍ୟ ହେଉଛି ସମାଜର ହଜାର ହଜାର ଛୋଟ ପିଲାଙ୍କ ନିକଟରେ ପହଞ୍ଚିବା ସହିତ ତୃଣମୂଳ ସ୍ତରରେ ପ୍ରତିରୋଧକ ମୂଳକ ସ୍ୱାସ୍ଥ୍ୟସେବାକୁ ବୃଦ୍ଧି କରିବା। ଏହି କାର୍ଯ୍ୟକ୍ରମ ନିରାପଦ, ଶିଶୁ ଅନୁକୂଳ ପରୀକ୍ଷଣ ପାଇଁ ରକ୍ତ ହୀନ, ପ୍ରିକ ମୁକ୍ତ ସ୍କ୍ରିନିଂ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବ। ସ୍କ୍ରିନିଂ ବ୍ୟତୀତ ରକ୍ତହୀନତା ନିବାରଣ ପାଇଁ ପଦକ୍ଷେପ ନିଆଯାଇଥାଏ। ଓଡ଼ିଶା



ଏବଂ ଛତିଶଗଡ଼ରେ ଶିଶଙ୍କୁ ସ୍ୱାସ୍ଥ୍ୟ ପ୍ରତି ଦେଖାଯାଇଥିବା ରକ୍ତହୀନତା ସମସ୍ୟାର ମୁକାବିଲା ପାଇଁ ବେଦାନ୍ତ ପ୍ରସ୍ତୁତ ଅଛି ବୋଲି ସିଇଓ ଶଶି ଆରୋରା ଏବଂ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଥିଲେ।

## ହାଇଟେକ୍‌ରେ ବିରଳ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର, ୭।୨ (ସମିସ): ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷ କରିଛି। ଏବେ ରୋଗୀଙ୍କ ଜୀବନ ବଞ୍ଚି ଯାଇଛି। ଭୋଜିରେ ତରଳ ନାଇଟ୍ରୋଜେନ୍‌ର ସେବନ କରି ଭୁବନେଶ୍ୱର ଜଗନ୍ନାଥନଗରର ଯୁବକ ସଞ୍ଜୀବ ତ୍ରିପାଠୀ (୩୪) ପେଟ ଫୁଲିଯାଇ ଯନ୍ତ୍ରଣା ହେଉଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲର ଏମର୍ଜେନ୍ସି ବିଭାଗର ଆଇସିୟୁରେ



ଭର୍ତ୍ତି କରାଯାଇଥିଲା। ଟେଷ୍ଟ ଏବଂ ସିଟି ସ୍କାନରୁ ନାଇଟ୍ରୋଜେନ ଗ୍ୟାସ ପାଇଁ ତାଙ୍କ ପେଟରେ ୩ରୁ ୪ ସେମିର ଛିଦ୍ର ହୋଇଯାଇଥିବା ଜଣାପଡ଼ିଥିଲା। ତୁରନ୍ତ ଗ୍ୟାଷ୍ଟ୍ରୋସର୍ଜନ ଡ. ପ୍ରେମାନନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରି ପେଟର ଛିଦ୍ରକୁ ବନ୍ଦ କରାଯାଇଥିଲା। ରୋଗୀ ସୁସ୍ଥ ହେବା ପରେ ଡ. ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିପାଇଁ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମସ୍ତ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଏଏମ୍‌ଏନଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ସଫଳତା

ଭୁବନେଶ୍ୱର, ୭।୨ (ସମିସ): କୋଲକାତାରେ ଅନୁଷ୍ଠିତ ହୋଇଯାଇଛି ୫୪ତମ ସର୍ବଭାରତୀୟ ରେଳବାଇ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍। ଏଥିରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର କ୍ରୀଡ଼ାବିତ୍‌ଙ୍କୁ ୪ଟି ପଦକ ମିଳିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି କାଂସ୍ୟ ପଦକ ରହିଛି। ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ କାଟାଗୋରୀର ଅନଇଭେନ ବାରସ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପ୍ରଣତି ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କ୍ସ (ସିଏଲ୍‌ଡବ୍ଲ୍ୟୁ) ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ସେହିଭଳି ସାଉଥ ଇଷ୍ଟର୍ଣ୍ଣ ରେଲୱେରୁ ପ୍ରତିନିଧିତ୍ୱ କରି କରିସ୍ମା ୩ଟି କାଂସ୍ୟ ପଦକ ଜିତିଛନ୍ତି।

## ବ୍ରହ୍ମପୁରରେ ଜିଓର ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍

ବ୍ରହ୍ମପୁର, ୭।୨ (ସମିସ): ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ (ଆଇଡ଼ିଟି) ଫଳାଫଳରେ ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ବ୍ରହ୍ମପୁର ସହରରେ ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ହାସଲ କରିଛି। ଏହି ସ୍ପିଡ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅପରେଟରର ତୁଳନାରେ ଦୁଇଗୁଣରୁ ଅଧିକ ଥିବା ଟ୍ରାଇ ପକ୍ଷରୁ କୁହାଯାଇଛି। ଟ୍ରାଇ ପକ୍ଷରୁ ବ୍ରହ୍ମପୁର ସହରର ୮ଟି ହଟ୍‌ସ୍ପଟ୍‌ରେ ବାସ୍ତବ ନେଟୱାର୍କ ସ୍ଥିତିର ମୂଲ୍ୟାଙ୍କନ କରାଯାଇଥିଲା। ଏହି ପରୀକ୍ଷଣରେ ଜିଓ ସର୍ବାଧିକ ୩୩୩.୪୭ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ସହିତ ଆଗରେ ଏବଂ ଏୟାରଟେଲ ୧୪୮.୦୯ ଏମବିପିଏସ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା

Jio TRUE 5G

(କ୍ୟୁଓଏସ) ମୂଲ୍ୟାଙ୍କନର ଏକ ଅଂଶ ଭାବରେ ୨୦୨୫ ଡିସେମ୍ବର ୧୬ ରୁ ୧୮ ମଧ୍ୟରେ, ବ୍ରହ୍ମପୁର ସହର ଏବଂ ନିକଟସ୍ଥ ଅଞ୍ଚଳଗୁଡ଼ିକରେ ୩୬୦ କିମି ବ୍ରହ୍ମପୁର ସହର ଡ୍ରାଇଭ୍ ପରୀକ୍ଷା, ୪.୧ କିମି ଚାଲିବା ପରୀକ୍ଷା ଏବଂ ୮ଟି ହଟସ୍ପଟ୍ ସ୍ଥାନରେ ନେଟୱାର୍କ ଗୁଣବତ୍ତା ପରୀକ୍ଷଣ କରାଯାଇଥିଲା।

**ବରଗଡ଼ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

## ଗୋଷ୍ଠୀସଂଘର୍ଷରେ ଗଡ଼ିଲା ୨ ମୁଣ୍ଡ

ବରଗଡ଼, ୭।୨(ସମିସ): ଭାଇଚାରାର ସହର ବରଗଡ଼ ଅଶାନ୍ତ ହୋଇପଡ଼ିଛି। ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଚୋରି, ଲୁଟ୍, ଦୁଷ୍କର୍ମ, ଗୋଷ୍ଠୀସଂଘର୍ଷ ଭଳି ଘଟଣା ନିତିଦିନିଆ ହୋଇଗଲାଣି। ଏପରି ସ୍ଥିତିରେ, ଗୁରୁବାର ରାତିରେ ବରଗଡ଼ ହାଟପଡା ସାଇମନ୍ଦିର ପାଖରେ ଘଟିଥିବା ଗୋଷ୍ଠୀସଂଘର୍ଷ ସହରବାସୀଙ୍କୁ ଆତଙ୍କିତ ଓ ଭୟଭୀତ କରିଦେଇଛି। ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଗୁରୁବାର ଦିନ କଲେଜ ରୋଡ୍‌ରେ ରହୁଥିବା ପ୍ରଦୀପ ଲୁହା (୨୪)ଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର ଭୀମସାର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସୂରଜ ବାରିକଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ବ୍ୟତୀତ ଅନ୍ୟ ଗୁରୁତର ରତିକ୍ ଚିକିତ୍ସାଧୀନ ରହିଛନ୍ତି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏହାକୁ ନେଇ ସହରରେ ଉତ୍ତେଜନା ପରିସ୍ଥିତି ଲାଗି ରହିଥିବା ବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ସେହିପରି, ବଡ଼ଧରଣର କୌଣସି ଅଘଟଣ ଘଟିବା ଆଶଙ୍କାରେ ସହରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଅପରପକ୍ଷେ, ଏହି ଘଟଣାରେ ଟାଉନ୍ ଥାନା ପୁଲିସ ୬ ଜଣଙ୍କୁ



ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ରହିଛନ୍ତି।

ପୂର୍ବଶତ୍ରୁତାକୁ ନେଇ ଏହି ସଂଘର୍ଷର ସୂତ୍ରପାତ ଘଟିଥିଲା। ଗତ ସରସ୍ୱତୀ ପୂଜା ବେଳେ ୨ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ଗତ ଗୁରୁବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ବିଚ୍ ରାସ୍ତାରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଟିଏ ଗୋଷ୍ଠୀର ଯୁବକଙ୍କ ଉପରକୁ ଆକ୍ରମଣ କରିଥିଲେ। ଛୁରି ଓ ଭୁଜାଲିରେ ପରସ୍ପରକୁ ଆକ୍ରମଣ କରିଥିଲେ।

ଅପରପକ୍ଷେ, ବରଗଡ଼ରେ ଆଇନଶୃଙ୍ଖଳା ସ୍ଥିତିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ ଭଳି ଏକ ଶାନ୍ତିପ୍ରିୟ ସହରରେ ଏଭଳି ଆତଙ୍କ ସ୍ଥିତି ଆଗରୁ କେବେ ଦେଖାଦେଇନଥିଲା। ଏହି ସବୁ ଅଘଟଣ ପାଇଁ ମୁଖ୍ୟତଃ ନିଶା ସେବନ ଓ ନିଶା କାରବାର ଦାୟୀ। ଜିଲ୍ଲାରେ ନିଶା ସେବନ ଓ କାରବାରକୁ ବନ୍ଦ କରିବା ସହ ପୁଲିସର ସକ୍ରିୟତାକୁ ବଢ଼ାଇବା ଓ ଆଇନ ଶୃଙ୍ଖଳାକୁ ଠିକ କରିବାକୁ ନାଗରିକ ମଞ୍ଚ ଦାବି କରିଛି।

**୬ ଗିରଫ, ଅନେକ ଫେରାର**

**ଆତଙ୍କିତ ଅବସ୍ଥାରେ ବରଗଡ଼ ସହରବାସୀ**

**ସନ୍ଧ୍ୟା ହେଲେ ଶୁନଶାନ୍ ହେଉଛି ରାସ୍ତାଘାଟ**

## ପୂର୍ବ ଭାରତ ପାଇଁ ଆଇଆର୍‌ସିଟିସିର 'ଡିଭାଇନ ଇଷ୍ଟ ଟେମ୍ପୁଲ ଟୁର୍'

ନୂଆଦିଲ୍ଲୀ, ୭।୨ (ସମିସ): ନବରତ୍ନ କମ୍ପାନୀ ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜିମ କର୍ପୋରେସନ ଲିମିଟେଡ (ଆଇଆରସିଟିସି) ନିଜ ଭାରତ ଗୌରବ ଟୁରିଷ୍ଟ ଟ୍ରେନ ମାଧ୍ୟମରେ ନୂଆ ପର୍ଯ୍ୟଟନ ସର୍କିଟ 'ଡିଭାଇନ ଇଷ୍ଟ ଟେମ୍ପୁଲ ଟୁର' ଆରମ୍ଭ କରିଛି। ଏହି ୧୦ ଦିନିଆ ଯାତ୍ରାରେ ଶ୍ରଦ୍ଧାଳୁ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡର ଐତିହ୍ୟସମ୍ପନ୍ନ ସ୍ଥଳ ଦେଖିବାକୁ ପାଇବେ। ମାର୍ଚ୍ଚ ୯ରୁ ଦିଲ୍ଲୀର ସଫଦରଜଙ୍ଗରୁ ଏହି ଯାତ୍ରା ଆରମ୍ଭ ହେବ। ବାରାଣସୀ, କୋଲକାତା, ଗଙ୍ଗାସାଗର, ପୁରୀ, ଭୁବନେଶ୍ୱର, କୋଣାର୍କ, ଚିଲିକା ଏବଂ ବୈଦ୍ୟନାଥ ଧାମ ଦେଇ ୧୮ ତାରିଖରେ ଦିଲ୍ଲୀ ଫେରିବ। ଏହି ଗସ୍ତରେ କାଶୀ ବିଶ୍ୱନାଥଙ୍କ ଦର୍ଶନ ଏବଂ ବାରାଣସୀରେ ଗଙ୍ଗା ଆଳତୀ ଦେଖିବାକୁ ପାଇବେ। ଭାରତ



ଗୌରବ ଟ୍ରେନରେ ଯାତ୍ରୀଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସହିତ ସୁରକ୍ଷାର ବିଧାନ ରଖାଯାଇଛି। ଫାଷ୍ଟ କ୍ଲାସରେ ଯାତ୍ରା କରିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ଟିକେଟ ମୂଲ୍ୟ ୧,୦୬, ୯୪୦ ଟଙ୍କା, ସେକେଣ୍ଡ ଏସି ପାଇଁ ୯୮, ୯୨୫ ଟଙ୍କା, ଥାର୍ଡ ଏସି ଲାଗି ୭୯, ୨୮୫ ଟଙ୍କା ରଖାଯାଇଛି। ଯାତ୍ରୀଙ୍କ ଖାଇବା ରହିବା ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା ରହିଛି।

## ଖେଳପଡ଼ିଆରୁ ୯,୪୫୦ ବୋତଲ କଫ୍-ସିରପ୍ ଜବତ

ଡୁଙ୍ଗୁରିପାଲି,୭।୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ସାହାବାହାଲ କେନାଲ ଛକ ନିକଟ ଖେଳ ପଡ଼ିଆରୁ ଶନିବାର ବିପୁଳ ପରିମାଣ କଫ-ସିରପ ଜବତ କରିଛି। ଏହାସହ ୨ଟି ଗାଡ଼ି ମଧ୍ୟ ଜବତ କରିଛି। ଏହି ଘଟଣାରେ ବରଗଡ଼ ଜିଲ୍ଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ (୨୪) କୁ ଗିରଫ କରିଛି। ଘଟଣାସ୍ଥଳରୁ ୩/୪ ଜଣ ଯୁବକ ଫେରାର୍ ହୋଇଯାଇଛନ୍ତି। ଏକ ପିକ୍-ଅପ୍ ଓ ଗୋଟିଏ କାର୍‌ରେ ବହୁ ପରିମାଣର କଫ-ସିରପ୍ ଭର୍ତ୍ତି ଥିବା ଦେଖି ପୁଲିସ ଜବତ କରିଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି କେ.କେ ହରିପ୍ରସାଦ, ଏସ୍‌ଡିପିଓ ରେଣୁକା ସୁନା, ରାମପୁର ଅତିରିକ୍ତ ତହସିଲଦାର ରୋହିତ ବାଗ ପ୍ରମୁଖ ପହଞ୍ଚିଥିଲେ। ପୁଲିସ ୨ଟି ଗାଡ଼ିରୁ ୯,୪୫୦ ବୋତଲ କଫ ସିରପ ଜବତ କରିଛି। ଜବତ କଫ ସିରପର ବଜାର ମୂଲ୍ୟ ୪୫ ଲକ୍ଷ ବୋଲି ଥାନା ଅଧିକାରୀ ଡୋଳାମଣୀ ନାଏକ କହିଛନ୍ତି।

### ୧ କୋଟି ଟଙ୍କାର ଅଫିମ ଚାଷ ନଷ୍ଟ: ୨ ଗିରଫ

# ପୁଲିସ୍ ହେପାଜତରୁ ଅଫିମ ଚାଷୀ ଫେରାର୍

ରାଉରକେଲା /କୋଇଡା, ୭।୨ (ସମିସ) : ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଖଣି ଅଞ୍ଚଳରୁ ଶନିବାର ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଏହି ଘଟଣାରେ ୨ ଜଣ ଅଫିମ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ସେମାନେ

**ମେଡିକାଲ୍ ଚେକଅପ୍ ବେଳେ ଖସି ପଳାଇଲା**

**ଧରିବା ପାଇଁ ପୁଲିସର ଗୁଳି ଚାଳନା**

ହେଲେ, ବଳରାମ ବୁଣ୍ଡାରି (୩୨) ଓ ବୁଦରାମ ହର (୨୩)। ସେମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନେବା ବେଳେ ବଳରାମ ପୁଲିସ ହେପାଜତରୁ ଡେଇଁ ଫେରାର୍ ହୋଇଯାଇଥିଲା। ତାକୁ କାବୁ କରିବା ପାଇଁ ପୁଲିସ ୪ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ହେଲେ, ପୁଲିସ



ତାକୁ କାବୁ କରିବାରେ ସକ୍ଷମ ହୋଇ ନ ଥିଲା।

ସୂଚନାଯୋଗ୍ୟ, କୋଇଡ଼ା ଥାନା ଅଧୀନ ପୁଣ୍ଡିପୋଖରୀ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଗଛ କାଟି ପ୍ରାୟ ୫ ଏକର ଜମିରେ ଅଫିମ ଚାଷ କରାଯାଇଥିଲା। ଗଛଗୁଡ଼ିକ ବଡ଼ ହୋଇ ଫୁଲ ମଧ୍ୟ ଆସିଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଓ କେ.ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଏବଂ ଅବକାରୀ ବିଭାଗ ଅଧିକାରୀ ହେମନ୍ତ ମହାନନ୍ଦିଆ ମିଳିତରେ ଆଜି ଅଫିମ ଚାଷ ଉପରେ ଚଢ଼ଉ କରିଥିଲେ। ଏହି ଚାଷ ପଛରେ ଓଡ଼ିଶାରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ଚେର ଲମ୍ବିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଏହି ଅଞ୍ଚଳରେ ହାତୀଙ୍କ ରାଜ ଚାଲିଛି। ହାତୀଙ୍କୁ ଘଉଡ଼ାଇବା ପାଇଁ ସ୍କ୍ୱାଡ୍ ଗଠନ ହୋଇଛି। ଏତେ ଗଛ କାଟି ୫ ଏକର ଜାଗାରେ ଅଫିମ ଚାଷ ହୋଇଥିବା ବେଳେ ଅବକାରୀ ଓ ଜଙ୍ଗଲ ବିଭାଗ କେମିତି ଜାଣିପାରିଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବକାରୀ ଓ ଜଙ୍ଗଲ ବିଭାଗର ଜାଣତରେ ଏହି ବେଆଇନ ବ୍ୟବସାୟ ଚାଲିଥିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## କେୟାର ହସ୍ପିଟାଲ୍ସରେ 'କୃତ୍ରିମ ଓ ଏଆଇ ଲଞ୍ଚ'





ଭୁବନେଶ୍ୱର, ୭।୨ (ସମିସ): କେୟାର ହସ୍ପିଟାଲରେ 'କୃତ୍ରିମ ଏବଂ ଏଆଇ ଲଞ୍ଚ' ଆୟୋଜନ କରାଯାଇଛି। ଏହା ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ କରିଥିବା ରୋଗୀଙ୍କ ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ। କୃତ୍ରିମ ବୁଦ୍ଧିମତ୍ତା ତଥା ଏଆଇ ଚାଳିତ ଆଣ୍ଠୁ ଏବଂ ହିପ୍ ପ୍ରତିରୋପଣ ମଧ୍ୟ ଉନ୍ମୋଚନ କରାଯାଇଛି। ଏହା ରାଜ୍ୟର ପ୍ରଚଳନ ହେବାକୁ ଥିବା ପ୍ରଥମ ଏଆଇ-ଆଧାରିତ ଆଣ୍ଠୁ ପ୍ରତିରୋପଣ ପ୍ଲାଟଫର୍ମ। ଏହି ସମାରୋହରେ ରୋଗମୁକ୍ତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କେୟାର ହସ୍ପିଟାଲ୍ସ, ଭୁବନେଶ୍ୱରର ପ୍ରସିଦ୍ଧ ଅର୍ଥୋପେଡିକ୍ ସର୍ଜନ ତଥା ମୁଖ୍ୟ-ଅର୍ଥୋପେଡିକ୍ସ, ରୋବୋଟିକ୍ ସର୍ଜରୀ ଡ. ସନ୍ଦୀପ ସିଂହ କହିଛନ୍ତି 'ଏଆଇ ଆଧାରିତ ଆଣ୍ଠୁ ପ୍ରତିରୋପଣ ଦ୍ୱାରା ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରୁଛନ୍ତି। ଏହି ଅବସରରେ କେୟାର ହସ୍ପିଟାଲ୍ସର ଜୋନାଲ ଚିଫ୍ ଅପରେଟିଂ ଅଫିସର କିସଲେ ଆନନ୍ଦ ଉପସ୍ଥିତ ଥିଲେ।



# ପାର୍କ ଓ ହଲ୍‌ରେ କଟିଲା ପ୍ରେମ ସପ୍ତାହରେ ପ୍ରଥମ ଦିନ

ଆଜି ପ୍ରପୋଜ୍ ଡେ'



ଭୁବନେଶ୍ୱର, ୭ା୨(ସମିସ): ଆରମ୍ଭ ହୋଇଛି ପ୍ରେମ ସପ୍ତାହ। ପ୍ରେମ ସପ୍ତାହର ପ୍ରଥମ ଦିନକୁ ରୋଜ୍ ଡେ' ବା ଗୋଲାପ ଦିବସ ଭାବେ ପାଳନ କରିଛନ୍ତି ଯୁବପିଢ଼ି। ଏଥିପାଇଁ ସକାଳୁ ସକାଳୁ ବିଭିନ୍ନ ଫୁଲ ଦୋକାନରେ ଦେଖିବାକୁ ମିଳିଥିଲା ଭିଡ଼। କେବଳ ଯୁବପିଢ଼ି ନୁହଁନ୍ତି ବରଂ ବିବାହିତ ଦମ୍ପତି ନିଜ ମନର ମଣିଷକୁ ପ୍ରେମର ପ୍ରତୀକ ଭାବରେ ଗୋଲାପ ଦେଇଛନ୍ତି। ଚଳିତ ବର୍ଷ ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ଭଳିକିଭଳି ଗୋଲାପ ଦେଖିବାକୁ ମିଳିଥିଲା। ପ୍ରେମ ସପ୍ତାହର ପ୍ରଥମ ଦିନ ରାଜଧାନୀର ବିଭିନ୍ନ ପାର୍କ ଓ ସିନେମା ହଲ୍‌ରେ ପ୍ରେମୀଯୁଗଳଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରେକ୍ଷାଳୟରେ ପ୍ରାୟ ସମସ୍ତ ସ୍ଲଟ୍ ହାଉସଫୁଲ ଥିବା ଜଣାପଡ଼ିଛି। ଏହାସହିତ ସପିଂ ମଲରେ ମଧ ପ୍ରେମୀଯୁଗୋଳଙ୍କୁ ଦେଖିବାକୁ ମିଳିଥିଲା। ଅନେକ ମନ୍ଦିରରେ ଠାକୁରଙ୍କ ଚରଣ ତଳେ ଗୋଲାପ ଅର୍ପଣ କରିଥିଲେ।

ଭାଲେଣ୍ଟାଇନ୍ ସପ୍ତାହକୁ ସ୍ୱତନ୍ତ୍ର କରିବାକୁ କେବଳ ପ୍ରେମୀଯୁଗଳ ନୁହଁନ୍ତି ବରଂ ବିବାହିତ ଦମ୍ପତିମାନେ ମଧ୍ୟ ଏହି ସପ୍ତାହକୁ ସ୍ୱତନ୍ତ୍ର ଭାବେ ପାଳନ କରୁଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଫେସବୁକ୍, ଇନଷ୍ଟା ସମେତ ହ୍ୱାଟସଆପ୍ ଷ୍ଟାଟସରେ ଅପଲୋଡ଼ କରି ସେଥିରେ ନିଜ ମନର ଭାବନାକୁ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି। ଗୋଲାପ ଦିବସ ପାଇଁ ଗୋଲାପ ଗୋଟାକ ୩୫ରୁ ୪୦ଟଙ୍କା ରହିଥିବା ବେଳେ ଗୋଲାପ ତୋଡ଼ାର ଦାମ୍ ୨୦୦ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଏଥର ଗୋଲାପ ଦିବସ ପାଇଁ ବେଙ୍ଗାଲୁରୁ, ରାୟପୁର ସମେତ ଓଡ଼ିଶାରୁ ମଧ୍ୟ ଗୋଲାପ ଆମଦାନୀ ହୋଇଥିବା ସୂଚନା ରହିଛି। ତେବେ ରୋଜ୍ ଡେ ଉପଲକ୍ଷେ ରାଜଧାନୀରେ ପ୍ରାୟ ୨୦ ହଜାରରୁ ଅଧିକ ଗୋଲାପ ବିକ୍ରି ହୋଇଥିବା ଜଣାପଡ଼ିଛି।

● ଲାବଣ୍ୟ ନାଟ୍ୟ ମହୋତ୍ସବ

# ମଞ୍ଚ କହିଲା 'ରାଜଜେମା'ର କାହାଣୀ



ଭୁବନେଶ୍ୱର, ୭ା୨(ସମିସ): ଚିତ୍ରଶିଳ୍ପୀ ଚିତ୍ରସେନଙ୍କୁ ରାଜ୍ୟ ଚିତ୍ରଶାଳାରେ ଉଦ୍‌ଘାଟନ ହେବାକୁ ଥିବା ରାଜଜେମା ଗ୍ୟାଲେରୀରେ ତିନି ରାଜଜେମାଙ୍କ ଚିତ୍ର ଆଙ୍କିବାକୁ ଦାୟିତ୍ୱ ମିଳିଥାଏ। ବିତିଯାଏ ପନ୍ଦର ଦିନ। କିନ୍ତୁ, ଚିତ୍ର ଆଙ୍କି ପାରନ୍ତିନି ଚିତ୍ରସେନ। ଭେଟ ହୁଏ କଳ୍ପନା ସହ ଯିଏ ଚିତ୍ରସେନଙ୍କୁ ପର୍ଯ୍ୟାୟକ୍ରମେ ତିନି ରାଜଜେମା ମହାଭାରତ ଯୁଗର ମାଧବୀ, ୧୮ ଶହ ଶତାବ୍ଦୀର ମେବାର ଉଦୟପୁର ରଜାଜେମା କୃଷ୍ଣାକୁମାରୀ ଓ ଶୋଡଷ ଶତାବ୍ଦୀର ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମଦେବଙ୍କ ଅଲିଅଳି ରାଜଜେମା ମୁକ୍ତାଦେଇଙ୍କ କଥା ଶୁଣାଏ। ପ୍ରତିଟି କାନଭାସରୁ ବାହାରି ଆସନ୍ତି ଏକ ଏକ ରାଜଜେମା ଆଉ ଚିତ୍ରସେନଙ୍କୁ ଶୁଣାନ୍ତି ନିଜ କାହାଣୀ। ଶେଷରେ କଣ୍ଟ ପୂରିଯାଏ। ମାସ ସରିଯାଏ କିନ୍ତୁ ଚିତ୍ର ଆଙ୍କି ପାରନ୍ତିନି ଚିତ୍ରସେନ୍। ଆଉ ପରାଜୟ ସ୍ୱୀକାର କରି ଫେରିଯାଆନ୍ତି। ଏହି କାହାଣୀକୁ ନେଇ ଉତ୍ତର ପୁରୁଷ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ପରିବେଷିତ ହୋଇଛି ନାଟକ 'ରାଜଜେମା'। ନିଜ ପିତାଙ୍କ ସମ୍ମାନ ଓ ମାତୃଭୂମିର ମାନ ରକ୍ଷା କରିବା ପାଇଁ ବଳିଦାନ ଦେଇଥିବା ରାଜକୁମାରୀଙ୍କ ଚରିତ୍ରରେ ରୂପଶ୍ରୀ, ଈଶୁ ଓ ଦୀପ୍ତି ଅଭିନୟ କରିଛନ୍ତି। ସୁମିତ ପଣ୍ଡାଙ୍କ ଗୀତକୁ ସ୍ୱରରେ ସଜେଇ ଶୀତଳ ଗୀତ ଗାଇଛନ୍ତି। ରାଜଜେମାମାନଙ୍କ ଜଟିଳ ଓ କରୁଣ କାହାଣୀ ସାଙ୍ଗକୁ ନାଟକରେ ଲୋକଗୀତ, ବାଦ୍ୟ, ଯୁଦ୍ଧ, ଛଉର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଥିଲା। ନାଟକରେ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଦେବଦତ୍ତ ପତି, ରାକେଶ, ଶତାବ୍ଦୀ, ତନ୍ମୟ, କ୍ରିଷ୍ଣା ପ୍ରମୁଖ ରହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଓ ସହ ନିର୍ଦ୍ଦେଶନା ଗୌରବ ପାଣିଗ୍ରାହୀ ଦେଇଥିବାବେଳେ ମୂଳ ଗଳ୍ପ ଓ ନାଟ୍ୟରୂପ ଦେଇଛନ୍ତି ଗୌରହରି ଦାସ। ସେହିପରି ଚିତ୍ରନାଟ୍ୟ ଓ ସଂଳାପ ଦେବଦତ୍ତ ପତି ଦେଇଛନ୍ତି।

# ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୭ା୨(ସମିସ): ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଟ୍ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ ସ୍ୱାଇଁ ଓ ଅତିସ କୁମାର ମାର୍ଥା ଯୋଗଦେଇ କୃତି ପ୍ରତିଯୋଗିମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ଦାସ, କାହ୍ନୁ ଚରଣ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାନିନୀ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୭ ଜଣଙ୍କୁ ମିଳିବ ସାରସ୍ୱତ ସରଗଶଶୀ ସମ୍ମାନ

ଭୁବନେଶ୍ୱର, ୭ା୨(ସମିସ): ସରଗଶଶୀ (ଶିଶୁ -କିଶୋର ସାହିତ୍ୟ ପତ୍ରିକ) ତରଫରୁ ଶିଶୁ -ସାହିତ୍ୟ ତଥା ଅନ୍ୟ ବିଦଗ୍ଧ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା କରି ଉଲ୍ଲେଖନୀୟ କୃତି ହାସଲ କରିଥିବା ମୂର୍ଦ୍ଧନ୍ୟ ରାଜ୍ୟସ୍ତରୀୟ ସାତଜଣ ସ୍ରଷ୍ଟାଙ୍କୁ ସମ୍ମାନିତ କରାଯିବ। ଏହିକ୍ରମରେ ଜୟକୃଷ୍ଣ ସାହୁଙ୍କୁ ସ୍ନେହସୁଧା ଶିଶୁ ସାହିତ୍ୟ ସମ୍ମାନ, ଅଧ୍ୟାପକ ଶରତ କୁମାର ଦାସଙ୍କୁ ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ, ନୀଳମଣି ଚାନ୍ଦଙ୍କୁ ଚିତ୍ତରଞ୍ଜନ ପଟ୍ଟନାୟକ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ରବୀନ୍ଦ୍ର ବିଶ୍ୱାଳ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ନିରଞ୍ଜନ ସାହୁଙ୍କୁ ପଣ୍ଡିତ ଆର୍ତ୍ତତ୍ରାଣ ଦାଶ କବିତା ସମ୍ମାନ, କମଳିନୀ ମଲ୍ଲିକଙ୍କୁ ବିଜୟା ଶିଶୁ ସାହିତ୍ୟ ସମ୍ମାନ ଓ ସାରସ୍ୱତ ସାଧିକା ବେବିଲତା ଶତପଥୀଙ୍କୁ ଉତ୍କଳ ଭାରତୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଚଳିତ ଫେବୃଆରୀ ମାସ ୨୨ତାରିଖରେ ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ପ୍ରଦାନ କରାଯିବ। ଉକ୍ତ ଉତ୍ସବରେ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ମହେଶ୍ୱର ମହାନ୍ତି ପ୍ରଫେସର ଦାଶ ବେନହୁର, ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସ, ଡକ୍ଟର ସୁନମଣି ରାଉତ, ଡକ୍ଟର ବିଜୟା ପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଉତ୍ସବରେ ରାଜ୍ୟର ଶତାଧିକ ଲେଖକ ଯୋଗଦେଇ କବିତା ପଠନ କରିବେ ବୋଲି ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଜଣାଇଛନ୍ତି।

# ସରକଣା ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବାଲିଅନ୍ତା, ୭ା୨(ସମିସ): ସରକଣା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବର ଅନୁଷ୍ଠିତ ହୋଇଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ, ଜୟଦେବ ହେଲଥ କେୟାର ଓ ଅଗ୍ରୱାଲ ଆଇ ହସ୍ପିଟାଲ ମିଳିତ ସହଯୋଗରେ ୨୬୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧପତ୍ର ବଣ୍ଟନ କରାଯାଇଥିଲା। ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ। ଶତାଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ସେହିପରି ମେଡିସିନ, ଅସ୍ଥିଶଲ୍ୟ, ଦନ୍ତ, ଶିଶୁ ରୋଗ, ମଧୁମେହ ଆଦି ବିଭାଗର ଡାକ୍ତର ପରାମର୍ଶ ଦେଇଥିଲେ। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ଜୟଦେବ ହେଲଥ କେୟାର ଅଧ୍ୟକ୍ଷ ଡାକ୍ତର ତାପସ ରଞ୍ଜନ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଡାକ୍ତର ଆରତୀ ବିଶ୍ୱାଳ, ଡାକ୍ତର ଦିଲ୍ଲୀପ ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରଞ୍ଜିତ ରାଉତ, ସତ୍ୟଜିତ ସେଠୀ ଓ କାଜଲ ବେହେରା ସହଯୋଗ କରିଥିଲେ।

# ସ୍ୱର ସାମ୍ରାଜ୍ଞୀଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

■ ସିନେକ୍ରିଟିକ୍‌ର 'ଲତା ନାଇଟ୍-୨୦୨୬'
■ ଲତା ଥିଲେ ସଙ୍ଗୀତର କାଳଜୟୀ ସ୍ରଷ୍ଟା

ଭୁବନେଶ୍ୱର, ୭ା୨(ସମିସ): ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ ଆସୋସିଏସନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତର ଅଗ୍ରଗଣ୍ୟ କଣ୍ଠଶିଳ୍ପୀ, ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ସଙ୍ଗେସକରଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି 'ଲତା ନାଇଟ୍-୨୦୨୬'। କାର୍ଯ୍ୟକ୍ରମରେ ସ୍ୱର ସାମ୍ରାଜ୍ଞୀଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର ସାମ୍ରାଜ୍ଞୀ ଲତାଙ୍କ ସଙ୍ଗୀତ ଯୁଗେ ଯୁଗେ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୬ ବର୍ଷ ପାଇଁ କଣ୍ଠଶିଳ୍ପୀ ଶର୍ମିଳା ସିଂଙ୍କୁ 'ଲତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ଓ କଳା ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବେହେରାଙ୍କୁ ମଞ୍ଚ ସଜ୍ଜା ନିମନ୍ତେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଲତା ନାଇଟ୍ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶୈଳଭାମା, ଅଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରୀତିନନ୍ଦା, ପ୍ରତିଭା ପ୍ରଧାନ, କୁମାର ବିଷ୍ଣୁ, ରୀତିକା ରିମ୍‌ଝିମ୍, ସିଦ୍ଧାନ୍ତ ଶତପଥୀ, ଆଶିଷ ଦତ୍ତ, ଦେବାଂଶୀ ନାୟକ, ତମନ୍ନା ତ୍ରିପାଠୀ ଓ ରୁଦ୍ରାଂଶୁ ପ୍ରମୁଖ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ଭାଓଲିନ୍ ବାଦକ ରାକେଶ ବିଶ୍ୱାଳ ଭାଓଲିନ୍ ମାଧ୍ୟମରେ ଲତାଙ୍କ ସଙ୍ଗୀତର ସ୍ୱର ବାଦନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୁଲ୍‌ସନ ନଦୀମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସର୍ବଶ୍ରୀ ରୁଦ୍ର ପ୍ରସାଦ ମହାନ୍ତି, ଲୁଟୁ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ଡ. ତନ୍ମୟ ସ୍ୱାଇଁ, ମଣ୍ଟୁ ସିଂହ ପ୍ରମୁଖ ପରିଚାଳନା କରିଥିଲେ।

# ଶୋଭା ପକ୍ଷରୁ ଖାଉଟି ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୭ା୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା (ସୋସିଆଲ ଅର୍ଗାନାଇଜେସନ ଫର୍ ଭଲ୍ୟୁଣ୍ଟାରୀ ଆକ୍ସନ) ପକ୍ଷରୁ ଖାଉଟି ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ ସିରେଇ ଗ୍ରାମ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବଦତ ପରିଡ଼ା, ବୈଧମାପ ବିଜ୍ଞାନ ବିଭାଗର ସହନିରୀକ୍ଷକ ପାଭ୍‌ଲୀନା ଜଗଦ୍ଦେବ, ପ୍ରଧାନ ଶିକ୍ଷକ ଶିଶିର କୁମାର ସାହୁ, ବୈଧମାପ ବିଜ୍ଞାନ ବିଭାଗର ସହାୟକ ଯନ୍ତ୍ରୀ ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ମଣିମାଳା ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇୱାଇଡବ୍ଲ୍ୟୁଡବ୍ଲ୍ୟୁର ସମ୍ପାଦକ ଶିବ ପ୍ରସାଦ ପାଟଯୋଶୀ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ 'ଖାଉଟି ସଚେତନତା' ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାଢ଼ୀ, ଦୀନବନ୍ଧୁ ବସ୍ତିଆ, ସାଗରିକା ଚିନ୍ନରା, ସ୍ଥାନୀୟ ୱାର୍ଡମେମ୍ବର ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

# ଯାଁଳା ପଞ୍ଚାୟତରେ କିଶୋରୀ ମେଳା



ଯାଁଳା, ୭ା୨(ସମିସ): ଜଟଣୀ ବ୍ଲକ ଯାଁଳା ଓ ମଦନପୁର ପଞ୍ଚାୟତର କିଶୋରୀମାନଙ୍କୁ ନେଇ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କିଶୋରୀମାନଙ୍କର ବିଭିନ୍ନ ପ୍ରକାର ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଛି। କିଶୋରୀମାନଙ୍କ ଉପରେ ବାଲ୍ୟ ବିବାହକୁ ନା ଉପରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝୋଟି, ବିଭିନ୍ନ ପ୍ରକାର ଫଳ, ପନିପରିବା, ଶସ୍ୟ ଜାତୀୟ ଖାଦ୍ୟ ଓ ପିଠା ଆଦି ଷ୍ଟଲପଡ଼ିଥିଲା। ସୁପରଭାଇଜର ସୁବାସିନୀ ଦାସ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସହଯୋଗୀ ସୁଶାନ୍ତ ବେହେରା, ଅଙ୍ଗନବାଡି କର୍ମୀ କଳ୍ପନା, ମାନସୀ, ପ୍ରତିଭା, ଇତିଶ୍ରୀ, ସଙ୍ଗୀତା, ଲିତା, ମୈତ୍ରୀ, ସୁନିତା, ମୋହିନି, ଗ୍ରୀତା, ମଗିଲତା, ନିରୂପମା, ପିଙ୍କି, ସାଗରିକା, ସଞ୍ଜୁ, ସତ୍ୟଭମା, ସୁଚି, ପ୍ରତିମା ଏ. ପ୍ରତିମା ବି ଆଦି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ଆକର୍ଷଣରେ ଶାନ୍ତିସ୍ତୂପ ଥିମ୍ ପାଭିଲିୟନ



ଭୁବନେଶ୍ୱର, ୭ା୨(ସମିସ): ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଛି। ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ମଧ୍ୟ ଉପସ୍ଥିତ ଥିଲେ। ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ୧୧ରୁ ରାତି ୯.୩୦ ପର୍ଯ୍ୟନ୍ତ ମେଳା ଖୋଲାରହିବ। ଚଳିତଥର ମୋଟ୍ ୮୦ଟି ଷ୍ଟଲ୍ ଖୋଲାଯାଇଛି। ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ତଥା ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁର ବୁଣାକାର ଏଥିରେ ସାମିଲ ଅଛନ୍ତି। ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳର ବୟନବସ୍ତ୍ର ଯଥା: ସମ୍ବଲପୁରୀ ଇକ୍କତ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, କୋଟପାଡ୍ ଆଦି ଉପଲବ୍ଧ ହେବ। ଉଦଘାଟନୀ ସନ୍ଧ୍ୟାରେ ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧିବାଦୀ ଡ. ସୁବାରାଓଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୭ା୨(ସମିସ): ଗାନ୍ଧିବାଦୀ ଓ ସର୍ବୋଦୟ ନେତା ଡ. ଏସ୍‌ଏନ୍ ସୁବାରାଓଙ୍କ ୯୭ତମ ଜୟନ୍ତୀ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ଡ. ଅରୁନ୍ଧତୀ ଦେବୀ ଉଦ୍‌ଘାଟନ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ସଭାପତି ସୂର୍ଯ୍ୟ ରଥ, ଅହିଂସା ବିଚାର ଫାଉଣ୍ଡେସନର ଅଧ୍ୟକ୍ଷ ସୋମ, ଆଦର୍ଶ କୁମାର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭୂତି ଭୂଷଣ ସାହୁ, ସଞ୍ଜୟ ନାୟକ, ଚନ୍ଦ୍ରକାନ୍ତ ଭୋଇ, ଶଶିକାନ୍ତ ବେହେରା, ପ୍ରଜକ୍ତା ଦାସ, ସୁମିରନ୍ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଧଉଳି-କଳିଙ୍ଗ ମହୋତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ, ଭାରତନାଟ୍ୟମ ଓ ଛଉ



ଧଉଳି/ଭୁବନେଶ୍ୱର, ୭ା୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୨ତମ ଧଉଳି କଳିଙ୍ଗ ମହୋତ୍ସବର ଆଜିଥିଲା ଦ୍ୱିତୀୟ ଦିନ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଶକ୍ତି। ନୃତ୍ୟକୁ ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା ନୃତ୍ୟ ସଂରଚିତ ଏବଂ ଗୁରୁ ଡ. ବିଜୟ କୁମାର ଜେନା ସଙ୍ଗୀତ ସଂଯୋଜନା କରାଯାଇଥିବା ବେଳେ ଗୁରୁ ବିଜୟ କୁମାର ବାରିକ ବାଦ୍ୟ ସଂଯୋଜନା କରିଛନ୍ତି। ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନାରେ ଗୁଜରାଟର ଅରୂପା ଲାହିରୀ ଏବଂ ସାଥିଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଏବଂ ଶେଷ ଉପସ୍ଥାପନାରେ ଥିଲା ମୟୂରଭଞ୍ଜର ନିଟୁଆପଡ଼ା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ହରିପଦ ମହାନ୍ତ ଏବଂ ସାଥିଙ୍କ ଦ୍ୱାରା ମୟୂରଭଞ୍ଜ ଛଉ ନୃତ୍ୟ। ସେମାନେ ହିନ୍ଦୁ ଦର୍ଶନରେ ମନମନ୍ଥନ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବରେ ଭାରତର ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଭାପତି ସତ୍ୟାନନ୍ଦ ମିଶ୍ର, ସେଲ୍‌ଫ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଓଡ଼ିଶାରେ ଶିକ୍ଷକଙ୍କ ଦାବିକୁ ସମାଧାନ କରୁଥିବା ରାଜ୍ୟସ୍ତରୀୟ ପ୍ୟାନେଲର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ରାମଜୀ ନଟରାଜନ୍, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ୍।

# ଖଦି ମହୋତ୍ସବରେ ବଞ୍ଜାର କ୍ରାଫ୍ଟ



ଭୁବନେଶ୍ୱର, ୭ା୨(ସମିସ): ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ହେଉଛି ଖଦି ମହୋତ୍ସବ ୨୦୨୬। ଏହି ମହୋତ୍ସବ ଫେବୃଆରି ୧୪ ତାରିଖ ଯାଏଁ ଥିବାବେଳେ ଏଥିରେ ବିଭିନ୍ନ ରାଜ୍ୟରୁ ଖଦି, ଗ୍ରାମୋଦ୍ୟୋଗ ଏବଂ ପିଏମଇଜିପି ୟୁନିଟ୍‌ରୁ ପାଖାପାଖି ଶହେରୁ ଅଧିକ ଷ୍ଟଲ ରହିଛି। ଏଥିରେ ଖଦି ବସ୍ତ୍ର ତିଆରି, ମାଟି ଉପକରଣର ପ୍ରସ୍ତୁତି ଭଳି ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ଲୋକ ଭିଡ ଜମାଉଛନ୍ତି।

ମେଳାର ଆଉ ଏକ ଷ୍ଟଲରେ ଦେଖିବାକୁ ମିଳୁଛି ପିପିଲି ଚାନ୍ଦୁଆର ଝଲକ। ହେଲେ ତାହା ପିପିଲି ଚାନ୍ଦୁଆ ନୁହଁ ବରଂ ତେଲେଙ୍ଗାନାର ବଞ୍ଜାର କ୍ରାଫ୍ଟ। ଯାହାର କାରିଗରି ପାଖାପାଖି ପିପିଲି ଚାନ୍ଦୁଆ ଭଳି ହୋଇଥିଲେ ହେଁ ତାଠାରୁ ଟିକିଏ ଭିନ୍ନ। ତେଲେଙ୍ଗାନାରୁ ଆସିଥିବା ଦୋକାନୀ କେ. ଜ୍ୟୋତି କୁହନ୍ତି, ଏହି କାରିଗରୀ ତେଲେଙ୍ଗାନାରେ ବେଶ ପରିଚିତ। ବିଶେଷକରି ନିଜାମାବାଦ ଜିଲ୍ଲାର ମହିଳାଙ୍କ ଗ୍ରୁପ ଏହାକୁ ବିଭିନ୍ନ ଡିଜାଇନର ତିଆରି କରୁଛନ୍ତି। ଯେପରି କଏନ ପର୍ସ, ପୋଟ୍‌ଲି, ଫୋନ ପର୍ସ, ୱାଲ ହ୍ୟାଙ୍ଗିଙ୍ଗ୍, ବ୍ୟାଗ ପର୍ସ ଇତ୍ୟାଦି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଦୁଇ ହଜାର ପର୍ଯ୍ୟନ୍ତ ରହିଛି। ଏହି ବଞ୍ଜାର କ୍ରାଫ୍ଟ ନିର୍ମିତ ପର୍ସକୁ ମହିଳାମାନେ ବେଶ ପସନ୍ଦ କରୁଛନ୍ତି।

### ଆକର୍ଷିତ କରୁଛି ୱେଷ୍ଟରୁ ନିର୍ମିତ ଉପକରଣ

ବିଭିନ୍ନ ରାଜ୍ୟରୁ ପଡ଼ିଥିବା ଷ୍ଟଲ ମଧ୍ୟରୁ ଲୋକଙ୍କୁ ଆକୃଷ୍ଟ କରୁଛି ୟୁପିର ମହାରାଜା ହସ୍ତକଳା କେନ୍ଦ୍ର ନାମକ ଷ୍ଟଲ। ଯେଉଁଠି ଘରକୁ ସଜେଇବା ପାଇଁ ଲେଦରର ବିଭିନ୍ନ ଉପକରଣ ଦେଖିବାକୁ ମିଳିଥିଲା। ମୁଖ୍ୟତ ଏଠାରେ ବିଭିନ୍ନ ପଶୁ ପକ୍ଷୀଙ୍କ ଛୋଟରୁ ବଡ ଆକୃତିର ମଡେଲ ରହିଥିଲା। ଯାହା ଦେଖିଲେ ଲେଦରରୁ ନିର୍ମିତ ବୋଲି ଲାଗିଥାଏ। ହେଲେ ଦୋକାନୀ ରାମ ଗୋପାଲ ଯାଦବ କୁହନ୍ତି, ଏହି ସବୁ ଉପକରଣକୁ ପ୍ରଥମେ ଶୁଖିଲା ଘାସରେ ଏକ ମଡେଲ ତିଆରି ହୁଏ। ପରେ ପରେ ୱେଷ୍ଟ କାର୍ଡ ବୋର୍ଡ ଏବଂ ଘର ପାଖରେ ମିଳୁଥିବା ବିଭିନ୍ନ ପ୍ରକାରର ପେଟି, କାର୍ଡକୁ ସେମାନେ ପାଣିରେ ଭିଜାଇ ମଣ୍ଡ ତିଆରି କରିଥାନ୍ତି। ଶେଷରେ ତାଉପରେ ଲେଦରର ଏକ ଆସ୍ତରଣ ଦିଆଯାଇ ତାକୁ ସଜାଯାଏ। ଏପରି କାର୍ଯ୍ୟ ସେ କାହାରିଠୁ ଶିଖି ନାହାନ୍ତିବରଂ ମୂର୍ତ୍ତି କଳା କାର୍ଯ୍ୟରୁ ପ୍ରେରିତ ହୋଇ ଏପରି କିଛି ତିଆରି କଲେ, ଯାହା ଏବେ ସବୁଠି ଲୋକଦୃତ ମଧ୍ୟ ହେଉଛି। ଏସବୁର ମୂଲ୍ୟ ୩ ଶହରୁ ୩ ହଜାର ପର୍ଯ୍ୟନ୍ତ ରହିଛି।

### ପିଲାଙ୍କ ପସନ୍ଦ ପାଲଟିଛି ଡୋକ୍ରା ଆର୍ଟ

ଢେଙ୍କାନାଳର ଡୋକ୍ରା ଆର୍ଟ ବେଶ ପୁରୁଣା ଏବଂ ପରିଚିତ। ସେହିଭଳି ମେଳାରେ ମଧ୍ୟ ଏହାର ଏକ ଷ୍ଟଲ ରହିଛି। ଯାହା ଛୋଟ ପିଲାଙ୍କୁ ବେଶ ଆକୃଷ୍ଟ କରୁଛି। କାରଣ ଏଠାରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସହ ଛୋଟ ପିଲାଙ୍କ ଖେଳନା ଭଳି ଡୋକ୍ରା ଆର୍ଟରେ ପ୍ରସ୍ତୁତ ଛୋଟ ଛୋଟ ଅଟୋରିକ୍ସା, ଘୋଡା ଗାଡି, ବଳଦ ଗାଡି, ସାଇକେଲ ଆଦି ପିଲାମାନଙ୍କୁ ଆକର୍ଷିତ କରୁଛି। ଏହା ବ୍ୟତିତ ସେଠାରେ ଟ୍ରାଇବାଲ ଆର୍ଟ, ଟ୍ରାଇବାଲ ଗହଣା ଆଦି ବିକ୍ରି ହେଉଛି। ଯାହାର ମୂଲ୍ୟ ୪ ଶହରୁ ୫ ହଜାର ପର୍ଯ୍ୟନ୍ତ ରହିଛି।

